## ଅଲ୍ଲାଃ ତାଲାଙ୍କ ବାଣୀ

يُرِيْدُ اللّٰهُ لِيُبَيِّنَ لَكُمْ وَيَهْدِيَكُمْ سُنَنَ الَّذِيْنَ مِنْ قَبْلِكُمْ وَيَتُوْبَ عَلَيْكُمْ ؕ وَاللّٰهُ عَلِيْمٌ حَكِيْمٌ ○

(النساء:27)

ଅନୁବାଦ- ଅଲ୍ଲାଃ ଇଚ୍ଛା କରନ୍ତି ଯେ ତୁମମାନଙ୍କର ପୂର୍ବବର୍ତୀ ଲୋକମାନଙ୍କ (ଅନୁସୃତ) ପନ୍ଥା ତୁମମାନଙ୍କ ପାଇଁ ବର୍ଣ୍ଣନା କରିବେ; ତୁମମାନଙ୍କ ପ୍ରତି ଦୟାପରବଶ ହେବେ; ଏବଂ ଅଲ୍ଲାଃ ହିଁ ସର୍ବଜ୍ଞ (ଓ) ତତ୍ୱଜ୍ଞ ।

(ନିସା: ୨୭)


بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْد

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5

ସଂଖ୍ୟା 30

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23 ଜୁଲାଇ 2020 | 23 ଓଫା 1399 ହି.ଶ | 01 ଜୁଲ୍‌ହଜାଃ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

---

**ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ହେବାର ଭୟ ଥିଲେ ପାପରୁ ନିବୃତ ରହିବା ପାଇଁ ସାହାସ ସୃଷ୍ଟି ହୋଇଥାଏ । କିନ୍ତୁ ଯେତେବେଳେ ଏକଥା ମାନି ନିଆଯାଏ ଯେ ଇସୁ ମସିହ ଆମର ସମସ୍ତ ପାପକୁ ନିଜେ ଉଠାଇ ନେଇ ଯାଇଛନ୍ତି ସେତେବେଳେ ସେହି ଦଣ୍ଡିତ ହେବାର ଭୟ କାହିଁକି ସୃଷ୍ଟିହେବ ।**

**ବାସ୍ତବରେ ଏହିପ୍ରକାରର ଧାରଣା ବହୁତ ମନ୍ଦପ୍ରଭାବ ପକାଇଛି । ଯଦି ଏହି ଧାରଣା / ସିଦ୍ଧାନ୍ତ ନ ଥାନ୍ତା, ତେବେ ୟୁରୋପ ଦେଶମାନଙ୍କରେ ଏତେ ମାତ୍ରାରେ ପାପ ଓ ଅପାରଗତା ନଥାନ୍ତା, ସେହି ପରି ଏଭଳି ଅନୈତିକ ଆଚରଣର ବନ୍ୟା ଆସିନଥାନ୍ତା ଯେଉଁଭଳି ଏବେ ଆସିଅଛି ।**

**ଆମେ ତ ସିଦ୍ଧାନ୍ତକୁ ହିଁ ଦେଖିଥାଉଁ । ଆମ ସିଦ୍ଧାନ୍ତରେ ଏହା ଉଲ୍ଲେଖ ଅଛି ଯେ ଫମନ୍ ୟାମଲ୍ ମିସ୍‌କାଲା ଜର୍‌ରତିନ୍ ଖୈର୍‌ଇଁ ୟରହ୍ (ଅଲ୍‌ଜିଲ୍‌ଜାଲ୍:୮) ଅର୍ଥାତ: ଯିଏ ଅଣୁ ପରିମାଣରେ ପୂଣ୍ୟ କରିଥିବ ସେ ତାହାକୁ ଅର୍ଥାତ ତାହାର ପରିଣାମକୁ ଦେଖିନେବ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### କଫ୍‌ଫାରା ଉପରେ ବିଶ୍ୱାସ ମଣିଷକୁ ପାପ କରିବାକୁ ଉତ୍ସାହିତ କରିଥାଏ

ଯଦି କେହି ଏକଥା କହେ କି କଫ୍‌ଫାରା ଉପରେ ବିଶ୍ୱାସ ଆଣିବା ଦ୍ୱାରା ମଣିଷ ପାପପୂର୍ଣ୍ଣ ଜୀବନରୁ ମୁକ୍ତି ପାଇପାରେ ଓ ପାପର ଶକ୍ତି ତା ଭିତରେ ରହେନାହିଁ, ତେବେ ଏହା ଏପରି କଥା ଯାହାର କିଛି ପ୍ରମାଣ ନାହିଁ । ଏହା ଏଥିଯୋଗୁଁ ଯେ ଏହି ସିଦ୍ଧାନ୍ତ ନିଜ ଭିତରେ ପାପକୁ ଧରି ରଖିଛି । ଈଶ୍ୱରଙ୍କ ଦ୍ୱାରା ଦଣ୍ଡିତ ହେବାର ଭୟ ଥିଲେ ପାପରୁ ନିବୃତ ରହିବା ପାଇଁ ସାହାସ ସୃଷ୍ଟି ହୋଇଥାଏ । କିନ୍ତୁ ଯେତେବେଳେ ଏକଥା ମାନି ନିଆଯାଏ ଯେ ଇସୁ ମସିହ ଆମର ସମସ୍ତ ପାପକୁ ନିଜେ ଉଠାଇ ନେଇ ଯାଇଛନ୍ତି ସେତେବେଳେ ସେହି ଦଣ୍ଡିତ ହେବାର ଭୟ କାହିଁକି ସୃଷ୍ଟିହେବ । ଏଥିରୁ ଆମେ ଏ ସିଦ୍ଧାନ୍ତ ନେଉଅଛୁ ଯେ ଯିଏ ଏପରି ଧାରଣାକୁ ଗ୍ରହଣ କରେ, ସେ କେବେ ବି ଈଶ୍ୱରଙ୍କୁ ଭୟ କରିପାରିବ ନାହିଁ । କାରଣ ସେ ଏପରି ସମସ୍ତ କାର୍ଯ୍ୟକୁ ଅନାବଶ୍ୟକ ମନେ କରିବ ଯାହାର ଆଧାର ହେଉଛି ଧର୍ମପରାୟଣତା । ଏକଥା ଖୁବ୍ ମନେରଖ ଯେ ଭିତରର ଶୁଦ୍ଧତା ସର୍ବଦା ମୁଳ ସିଦ୍ଧାନ୍ତରୁ ହିଁ ଆରମ୍ଭ ହୋଇଥାଏ ।.........

ପୁଣି ଆମେ ଏକଥା ଦେଖିବା ଉଚିତ ଯେ କଫ୍‌ଫାରା ଉପରେ ବିଶ୍ୱାସ କରୁଥିବା ଲୋକମାନେ କି ପ୍ରକାରର ଅନ୍ତ ଶୁଦ୍ଧତାର ଉଦାହରଣ ପ୍ରଦର୍ଶନ କରୁଛନ୍ତି ? ୟୁରୋପୀୟମାନଙ୍କର କୁକର୍ମ ବିଷୟରେ ସମସ୍ତଙ୍କୁ ଜଣା । ମଦ୍ୟପାନ ହେଉଛି ସମସ୍ତ ଅପରାଧ ଓ ସମସ୍ତ ପାପର ମାଆ । ୟୁରୋପରେ ଏତେ ମାତ୍ରାରେ ତାହା ବ୍ୟବହୃତ ହୋଇଥାଏ ଯେ ଅନ୍ୟ କୌଣସି ଦେଶରେ ତାହାର ଦୃଷ୍ଟାନ୍ତ ମିଳେନାହିଁ । ମୁଁ ଏକ ଖବରକାଗଜରେ ପଢ଼ିଥିଲି ଯେ ଯଦି ଲଣ୍ଡନର ସବୁତକ ମଦ ଦୋକାନକୁ ଧାଡ଼ି କରି ରଖାଯାଏ, ତେବେ ତାହା ୭୫ ମାଇଲ ଦୁରତା ପର୍ଯ୍ୟନ୍ତ ଲମ୍ବିଯିବ । ସେମାନଙ୍କୁ ଏ ଶିକ୍ଷା ଦିଆଯାଇଅଛି, ଯେ ସେମାନେ ଯେତେ ବି ପାପ କରନ୍ତୁ ସବୁ କ୍ଷମା ହୋଇଯିବ ଓ ପ୍ରତ୍ୟେକ ପାପରୁ କ୍ଷମା ପାଇବାର ସାର୍ଟିଫିକେଟ ସେମାନଙ୍କୁ ଦିଆଯାଇଅଛି । ଏବେ ଇସାଇମାନେ ଟିକିଏ ଚିନ୍ତା କରି ଆମକୁ ଉତର ଦିଅନ୍ତୁ ଯେ ଏହିଭଳି ଅବସ୍ଥାରେ ତା'ର ପ୍ରଭାବ  କଣ ପଡ଼ିବ ?

ଯଦି ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛୁ) ଆମର ଏ ସିଦ୍ଧାନ୍ତ ହୋଇଥାନ୍ତା ତେବେ ତାହା ଆମ ଉପରେ କେଡ଼େ ଖରାପ ପ୍ରଭାବ ପକାଇଥାନ୍ତା ନଫ୍‌ସେ ଅମ୍ମାରା (ଅର୍ଥାତ ମନ୍ଦକାର୍ଯ୍ୟ ପ୍ରତି ଆକୃଷ୍ଟ ଆତ୍ମା) ତ ଆଶ୍ରୟ ଖୋଜୁଥାଏ ଯେମିତି ସିହାମାନେ ଇମାମ୍ ହୁସୈନ୍ ର:ଅଙ୍କ ଆଶ୍ରୟ ନେଇଯାଇଛନ୍ତି । ସେହି ଆଳରେ ଯାହା ଚାହାନ୍ତି କହିଦିଅନ୍ତି । ମୁଁ ସେହି ତକିୟା ଏବଂ ଇମାମ୍ ହୁସୈନ୍ ର:ଅଙ୍କ ବଳିଦାନ ସିଦ୍ଧାନ୍ତର ଆଧାରରେ ଆତ୍ମବିଶ୍ୱାସ ସହିତ ଏହା କହିପାରେ ଯେ ସିହାମାନଙ୍କ ମଧ୍ୟରେ ଧର୍ମପରାୟଣ ବହୁତ କମ୍ ମିଳିଥାଏ । ଖଲିଫା ମୁହମ୍ମଦ ହସନ ସାହେବ ଲେଖିଛନ୍ତି ଯେ ପବିତ୍ର କୁର୍‌ଆନ୍‌ରେ ଯେଉଁ ଫଦୈନାହୁ ବିଜବ୍‌ହିନ୍ ଅଜିମ୍ (ସାଫାତ୍:୧୦୮) ଆସିଛି, ସେଥିରୁ ଇମାମ୍ ହୁସୈନ୍ ର:ଅଙ୍କ ଶହୀଦ୍ ହେବା ବିଷୟ ବାହାରୁଛି । ଏଥିରେ ସେ ବହୁତ ଖୁସି ଅଛନ୍ତି ଯେମିତି କି ସେ ପବିତ୍ର କୁର୍‌ଆନ୍‌ର ଅଭିମୁଖ୍ୟ ଆବିସ୍କାର କରିନେଇଛନ୍ତି ।

ତାଙ୍କର ଏହି ଚତୁରାମି ମତେ ଜଣେ ମୂର୍ଖ ଲୋକର କାହାଣୀ ମନେ ପକାଇ ଦେଉଛି । ଜଣେ ମୂର୍ଖ ଲୋକର ଏକ ଲୋଟା ଥିଲା ଓ ସେଥିରେ ଏକ ଛିଦ୍ର ଥିଲା ଯେବେ ସେ ଝାଡ଼ା ପରିଶ୍ରା କରିବାକୁ ଯାଏ, ସୌଚ ହେବା ପୂର୍ବରୁ ସବୁତକ ପାଣି ଲୋଟାରୁ ବହିଯାଏ । ଶେଷରେ ବହୁତ ଚିନ୍ତା କରିବାପରେ ସେ ଏକ ସମାଧାନର ରାସ୍ତା ପାଇଗଲା ଯେ ପ୍ରଥମେ ସେ ସୌଚ ହୋଇଯିବ ଓ ଏହି ବିଚାର କରି ସେ ବହୁତ ଖୁସି ହୋଇଗଲା । ଏହି ପ୍ରକାରର ସିଦ୍ଧାନ୍ତରେ ସେ ପହଂଚିଛନ୍ତି ଯେ ଫଦୈନାହୁ ବିଜବ୍‌ହିନ୍ ଅଜିମ୍ (ସାଫାତ୍:୧୦୮) ରୁ ଇମାମ୍ ହୁସୈନ୍ ର:ଅଙ୍କ ଶହୀଦ୍ ହେବା କଥା ବାହାର କରୁଛନ୍ତି । ସିହାମାନେ ନିଜର ମସ୍‌ଜିଦ୍‌କୁ ପରିସ୍କାର ପରିଛନ୍ନ ମଧ୍ୟ ରଖନ୍ତି ନାହିଁ । ଆମେ ଜଣେ ଶିକ୍ଷକଙ୍କ ଘରକୁ ପଢ଼ିବାକୁ ଯାଉଥିଲୁ ସେଠାରେ କୁକୁରମାନେ ଆସି ମସ୍‌ଜିଦ୍‌ରେ ମଳତ୍ୟାଗ ଓ ପରିଶ୍ରା କରନ୍ତି । ମୋର ଏକଥା ମନେ ନାହିଁ ଯେ କେବେ କୌଣସି ଲୋକ ସେଠାରେ ନମାଜ ପଢ଼ିଥିବ । ସିହାମାନେ ମଧ୍ୟ ଏକଥା କହୁଛନ୍ତି ଯେ ଆମ ପାଇଁ ଇମାମ୍ ହୁସୈନ୍ ର:ଅ ଏବଂ ଅହ୍‌ଲେ ବୟତ ଶହୀଦ୍ ହୋଇଯାଇଛନ୍ତି । ତେଣୁ ସେମାନଙ୍କ ପାଇଁ ଦୁଃଖରେ କାନ୍ଦିବା ଏବଂ ସେମାନଙ୍କ ପାଇଁ ଶୋକ କରିବା ଯଥେଷ୍ଟ । ସ୍ୱର୍ଗରେ ପ୍ରବେଶ କରିବାପାଇଁ ଏତଦ୍‌ବ୍ୟତିତ ଆଉ କିଛି ଆବଶ୍ୟକ ନାହିଁ । ସେହିଭଳି ଇସାଇମାନେ କହୁଛନ୍ତି ଯେ ମସିହଙ୍କ ରକ୍ତ ଆମ ପାଇଁ ମୋକ୍ଷ ପ୍ରାପ୍ତିକାରୀ । ଏବେ ମୋର ପ୍ରଶ୍ନ ହେଉଛି ଯଦି ଏପରି ଲୋକମାନଙ୍କୁ ପଚରାଯିବ ଯେ ଯଦି ତମମାନଙ୍କ ସମସ୍ତ ପାପର ହିସାବ ନିକାଶ ହେବ ଓ ତୁମକୁ ତାହାର ଦଣ୍ଡ ମିଳିବ ତେବେ କେଉଁ ପ୍ରକାରର ମୋକ୍ଷ ତୁମକୁ ମିଳିବ ? ବାସ୍ତବରେ ଏହିପ୍ରକାରର ଧାରଣା ବହୁତ ମନ୍ଦପ୍ରଭାବ ପକାଇଛି । ଯଦି ଏହି ଧାରଣା / ସିଦ୍ଧାନ୍ତ ନ ଥାନ୍ତା, ତେବେ ୟୁରୋପ ଦେଶମାନଙ୍କରେ ଏତେ ମାତ୍ରାରେ ପାପ ଓ ଅପାରଗତା ନଥାନ୍ତା, ସେହି ପରି ଏଭଳି ଅନୈତିକ ଆଚରଣର ବନ୍ୟା ଆସିନଥାନ୍ତା ଯେଉଁଭଳି ଏବେ ଆସିଅଛି । ଲଣ୍ଡନ ଏବଂ ପ୍ୟାରସ୍‌ରେ ହୋଟେଲ୍ ଓ ପାର୍କଗୁଡ଼ିକରେ ଯାଇ ଦେଖ ସେଠାରେ କଣ ସବୁ ଚାଲିଛି ଏବଂ ସେହି ସବୁ ଲୋକମାନଙ୍କୁ ପଚାର, ଯେଉଁମାନେ ସେହି ସବୁ ସ୍ଥାନରୁ ଆସିଛନ୍ତି । ପ୍ରତ୍ୟେକ ଦିନ ଖବରକାଗଜଗୁଡ଼ିକର ତାଲିକାରେ ଅବୈଧ ସନ୍ତାନମାନଙ୍କ ନାମ ପ୍ରକାଶ ପାଉଛି ।

### କଫ୍‌ଫାରାଃ ପ୍ରକୃତିର ନିୟମକୁ ବିରୋଧ କରେ

ଆମେ ତ ସିଦ୍ଧାନ୍ତକୁ ହିଁ ଦେଖିଥାଉଁ । ଆମ ସିଦ୍ଧାନ୍ତରେ ଏହା ଉଲ୍ଲେଖ ଅଛି ଯେ ଫମନ୍ ୟାମଲ୍ ମିସ୍‌କାଲା ଜର୍‌ରତିନ୍ ଖୈର୍‌ଇଁ ୟରହ୍ (ଅଲ୍‌ଜିଲ୍‌ଜାଲ୍:୮) ଅର୍ଥାତ: ଯିଏ ଅଣୁ ପରିମାଣରେ ପୂଣ୍ୟ କରିଥିବ ସେ ତାହାକୁ ଅର୍ଥାତ ତାହାର ପରିଣାମକୁ ଦେଖିନେବ । ଏବେ ଚିନ୍ତାକର ଏହାର ପ୍ରଭାବ କେଡ଼େ ଉତମ ହେବ ଅର୍ଥାତ, ମଣିଷ କର୍ମର ଆବଶ୍ୟକତାକୁ

ଅନୁଭବ କରିବ ଓ ପୂଣ୍ୟକର୍ମ କରିବାକୁ ପ୍ରଚେଷ୍ଟା କରିବ । ଏହାର ବିପରୀତ ଯେବେ ଏହା କୁହାଯାଏ ଯେ ମଣିଷ କର୍ମଦ୍ୱାରା ମୋକ୍ଷ ପାଇପାରିବ ନାହିଁ, ସେତେବେଳେ ଏହି ସିଦ୍ଧାନ୍ତ ମଣିଷର ସାହାସ ଓ ପ୍ରୟାସକୁ ଦୁର୍ବଳ କରିଦେବ ଓ ସମ୍ପୁର୍ଣ୍ଣରୂପେ ନିରାଶ କରି ଅସହାୟ କରିନେବ । ଏଥିରୁ ମଧ୍ୟ ଜଣାପଡୁଛି ଯେ କଫଂଫାରାର ସିଦ୍ଧାନ୍ତ ମଣିଷର ଶକ୍ତିକୁ ମଧ୍ୟ ଅପବ୍ୟବହାର କରିଦିଏ । କାରଣ ଅଲ୍ଲାଃ ତାଲା ମଣିଷର ପ୍ରକୃତିରେ ଉନ୍ନତି କରିବାର ତତ୍ୱ ରଖିଛନ୍ତି କିନ୍ତୁ କଫଂଫାରାଃ ତାକୁ ଉନ୍ନତି କରିବାପାଇଁ ଦେଇନଥାଏ । ମୁଁ ଏବେ କହିସାରିଛି ଯେ କଫଂଫାରା ଉପରେ ବିଶ୍ୱାସ ରଖିଥିବା ଲୋକମାନଙ୍କର ଯେଉଁ ଅବସ୍ଥା ଆମେ ପରିଲକ୍ଷିତ କରୁଅଛୁ ଅର୍ଥାତ ସେମାନଙ୍କର ସ୍ୱାଧିନତା ଓ ସଂଯମତାର ଅଭାବକୁ, ତେବେ ତାହା ସବୁ ଏହି ସିଦ୍ଧାନ୍ତ ଯୋଗୁଁ ହୋଇଅଛି ଫଳତଃ ସେମାନେ କୁକୁର ଓ କୁତିମାନଙ୍କ ସଦୃଶ ଅନୈତିକ ସମ୍ପର୍କ ରଖିଥାନ୍ତି ଓ ଅଶ୍ଳିଳ କୁକର୍ମ କରିଥାନ୍ତି । ଲଣ୍ଡନର ହାଇଡ୍ ପାର୍କରେ ଖୋଲା ଖୋଲି ଭାବେ ଏହିଭଳି ବ୍ୟଭିଚାର ହେଉଛି ଫଳତ ଅବୈଧ ସନ୍ତାନ ଜନ୍ମ ହେଉଛନ୍ତି । ତେଣୁ ଆମେ କେବଳ କଥା ଓ ବିବୃତି ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ ବରଂ ଆମେ କର୍ମ ଉପରେ ଗୁରୁତ୍ୱ ଦେବା ଉଚିତ । ଯିଏ କର୍ମର ଆବଶ୍ୟକତାକୁ ଜରୁରୀ ମଣୁନାହିଁ ସେ ଭିଷଣ ଅଜ୍ଞ ଓ ବହୁତ ଛୋଟ ବିଚାର ରଖିଥିବା ବ୍ୟକ୍ତି । ପ୍ରକୃତିର ନିୟମରେ ତ କର୍ମ ଓ କର୍ମଫଳ ପାଇବାର ଦୃଷ୍ଟାନ୍ତ ମିଳିଥାଏ କିନ୍ତୁ କଫଂଫାରାଃରେ ଏହାର କେଉଁଠି ବି ଦୃଷ୍ଟାନ୍ତ ନାହିଁ । ଉଦାହରଣ ସ୍ୱରୁପ ଭୋକ ଲାଗିବା ସ୍ଥଳେ, ଖାଦ୍ୟ ଖାଇବା ଦ୍ୱାରା ଭୋକ ଶେଷ ହୋଇଯାଏ ବା ଶୋଷ ପାଣିଦ୍ୱାରା ଶେଷ ହୋଇଥାଏ । ଏଥିରୁ ଜଣା ପଡ଼ିଲା ଯେ ଖାଇବା ଦ୍ୱାରା ଓ ପିଇବା ଦ୍ୱାରା ଭୋକ ଶୋଷ ମେଂଟି ଯାଇଥାଏ । କିନ୍ତୁ ଏହା ତ ହୋଇନପାରେ ଯେ ଯଦି ଜୈଦ୍‌କୁ ଭୋକ ଲାଗୁଥିବ ଏପରି ସ୍ଥଳେ ବକର୍ ତା ବଦଳରେ ରୁଟି ଖାଏ, ତା' ହେଲେ ଜୈଦ୍‌ର ଭୋଗ ମେଂଟିଯିବ ! ଯଦି ପ୍ରକୃତିର ନିୟମରେ ଏପରି କୌରସି ଦୃଷ୍ଟାନ୍ତ ଥାନ୍ତା ତେବେ କାଳେ କଫଂଫାରାଃର ସିଦ୍ଧାନ୍ତକୁ ମାନିଯିବାର ବାଟ ମିଳିଯାଆନ୍ତା । କିନ୍ତୁ ଯେବେ ପ୍ରକୃତିର ନିମୟରେ ଏହାର କୌଣସି ଦୃଷ୍ଟାନ୍ତ ନାହିଁ ତେବେ ମଣିଷ ଯିଏ ଦୃଷ୍ଟାନ୍ତକୁ ଦେଖି ମାନିନିଏ, ସେ ଏହାକୁ କାହିଁକି ସ୍ୱୀକାର କରିବ । ମନୁଷ୍ୟକୃତ ନିମୟରେ ମଧ୍ୟ ସେପରି କୌଣସି ଉଦାହରଣ ନାହିଁ । କେବେ ଏପରି ଦେଖାଯାଇନାହିଁ ଯେ ଜଣେ ହତ୍ୟା କରିଥିବ ଓ ତା ସ୍ଥାନରେ ଆଉ ଜଣକୁ କେବେ ଫାସୀ ଦିଆଯାଇଥିବ । ଅତଏବ୍ କଫଂଫାରାଃ ହେଉଛି ଏପରି ଏକ ଧାରଣା ଯାହାର କୌଣସି ଦୃଷ୍ଟାନ୍ତ/ଉଦାହରଣ ମିଳେନାହିଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬୨-୧୬୫ ପ୍ରକାଶନ ୨୦୧୮ କାଦିୟାନ)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......*

ବିନ୍ ଅଓଫ୍ ର:ଅ କହିଲେ ମୁଁ ସର୍ବପ୍ରଥମେ ଉକ୍ତ ସୁଚୀରୁ ନିଜ ନାମକୁ ପ୍ରତ୍ୟାହାର କରିନେଉଛି । ତାଙ୍କ ପରେ ଅନ୍ୟ ଦୁଇଜଣ ନିଜର ନାମ ପ୍ରତ୍ୟାହାର କରିନେଇଥିଲେ । ହଜ୍‌ରତ୍ ଅଲୀ ର:ଅ କିନ୍ତୁ ନୀରବ ରହିଥିଲେ ପରିଶେଷରେ ସେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ଠାରୁ ଶପଥ ନେଲେ ଯେ, ସେ ନିଷ୍ପତି କରିବାରେ କୌଣସି ପକ୍ଷପାତ କରିବେ ନାହିଁ । ସେ ଏହି ଶପଥ ମଧ୍ୟ କରିଥିଲେ ଯେ, ସେ ନିରପେକ୍ଷ ଭାବରେ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିବେ ଏବଂ ଏହି ଦାୟିତ୍ୱକୁ ତୁଲାଇବେ । ତାହାପରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ତିନିଦିନ ମଦିନାର ପ୍ରତ୍ୟେକ ଘରକୁ ଗଲେ ଏବଂ ମହିଳା ଓ ପୁରୁଷମାନଙ୍କୁ ପଚାରିଲେ ଯେ, ସେମାନେ କାହା ସପକ୍ଷରେ ଖଲିଫା ହେବାକୁ ମତ ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି । ସମସ୍ତେ ଏହା ହିଁ କହିଲେ, ଯେ ସେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଖଲିଫାର ଆସନ ସକାଶେ ଉପଯୁକ୍ତ ମଣୁଛନ୍ତି ସୁତରାଂ ସେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସପକ୍ଷରେ ନିଜର ରାୟ ଦେଇଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅ ହିଁ ଖଲିଫା ହୋଇଥିଲେ ।

***(ଖିଲାଫତେ ରାଶଦା ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୫, ପୃ-୪୮୪-୪୮୫***

ଏଥି ସଂକ୍ରାନ୍ତରେ ଆଉ କିଛି ବର୍ଣ୍ଣନା ରହିଯାଇଛି ଯାହା କି ଅତି ବିସ୍ତୃତ ବ୍ୟାଖ୍ୟା ଅଟେ ଅର୍ଥାତ ଦୀର୍ଘ ବ୍ୟାଖ୍ୟା ଅଟେ ଇନ୍‌ଶାଅଲ୍ଲାଃ ତାଲା ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ଅବଶିଷ୍ଟ ଚର୍ଚ୍ଚା ଆଗାମି ଖୁତ୍‌ବାରେ ମୁଁ କରିବି ଯଦି ଆବଶ୍ୟକ ପଡ଼େ ତେବେ ପୃଥକ ଭାବରେ ବର୍ଣ୍ଣନା କରିବି ଇନ୍‌ଶାଅଲ୍ଲାଃ ତାଲା କିମ୍ବା ମୋ ମତରେ ଏହା ହୋଇପାରିବ ଯେ ସେହି ଦୀର୍ଘ ବର୍ଣ୍ଣନା ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ପ୍ରସଙ୍ଗିୟ କିମ୍ବା ହଜ୍‌ରତ ଉମର୍ ର:ଅ ଜିବନୀ ସମ୍ବନ୍ଧିୟ ଅଟେ । ସେଠାରେ ମଧ୍ୟ ବର୍ଣ୍ଣନା ହୋଇପାରିବ ସେ ଯାହା ହେଉ ନା କାହିଁକି ଏହା ସତ୍ୱେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ଜୀବନୀ ଘଟଣାବଳୀର ମଧ୍ୟ କେତେକ ଅଂଶ ରହିଛି ଓ ତାଙ୍କ ଜୀବନୀର ପୂର୍ଣ୍ଣାବଳୀର ମଧ୍ୟ କେତେକ ଦିଗ ରହିଛି ଯାହାକି ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

Jouralist Dhr, Ewout Klei, Child Psychologist Nikita Shahbaz, Judge of Supreme Court of Duch Mrs Dana Baldinger with her Husband, Mr. Herman Meester Linguistics & Economics Scholar, Judge of Criminal Cases Mr. IC Gillesse, Mr. Corine Potter Public Prosecutor & Chairman of Lahori Jamaat Dhr. Jahier Khan ଇତ୍ୟାଦି ବ୍ୟକ୍ତି ସାମିଲ ଥିଲେ ।

ଏତଦ୍ ବ୍ୟତିତ ଓକିଲ, ଡ଼ାକ୍ତର, ଶିକ୍ଷକ, ବଣିକ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଏବଂ ସେହିପରି ବିଭିନ୍ନ ବିଭାଗ ସହିତ ଜଡ଼ିତ ଥିବା ବିଶେଷ ଲୋକମାନେ ଏଥିରେ ସାମିଲ ଥିଲେ ।

ପ୍ରୋଗ୍ରାମ ମୁତାବକ ୪:୩୦ ମିନିଟରେ ହଜୁର ଅନୱର ଅ:ବ:ଅ ପୁରୁଷ ଜଲ୍‌ସାଗାଃ ଭିତରେ ପ୍ରବେଶ କଲେ ଓ ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ଦ୍ୱାରା କରାଗଲା । ତାହା ମୋକରମ୍ ଅବ୍‌ଦୁଲ୍ ଲତିଫ୍ ଫର୍‌ହାଖନ୍ ସାହେବ ଆବୃତି କଲେ । ତା'ପରେ ଏହାର ଡ଼ଚ୍ ଭାଷାରେ ଅନୁବାଦ ଉପସ୍ଥାପନ କଲେ ।

ତା'ପରେ ଜଣେ ଅତିଥି Mr. L. Klappe Elderman Gemeente Ermelo ନିଜର ଅଭିଭାଷଣ ପ୍ରଦାନ କଲେ । ସେ ମହାଶୟ କହିଲେ ଯେ ଆପଣମାନେ ବହୁତ ନିସ୍ୱାର୍ଥପର ହୋଇ କାମ କରୁଛନ୍ତି ଓ ସମାଜର କର୍ମଠ ସେବକ । ଆମ ଇଲାକାରେ ଆପଣଙ୍କ ଯମାତ୍ ବହୁତ କାମ କରିଛି । ବର୍ଷର ଆରମ୍ଭ ୱକାରେ ଅମଲ୍ କରୁଛନ୍ତି । ଆମର ଏ ଇଚ୍ଛା ଯେ ଆପଣଙ୍କ କମ୍ୟୁନିଟିର ଲୋକମାନେ ଆମ ସହରରେ ବସବାସ କରନ୍ତୁ । ଅର୍ଥାତ ଅଧିକରୁ ଅଧିକ ରହନ୍ତୁ । ଏବେ ସେତେମାତ୍ରାରେ ଲୋକ ଏଠାରେ ନାହାନ୍ତି । ଆପଣ ଯେତେବେଳେ ମଧ୍ୟ ଆମ ସହରକୁ ଆସୁଛନ୍ତି, ଆମ ସହିତ ଏକ ପ୍ରକାରର ସୁସମ୍ପର୍କ ସ୍ଥାପନ କରୁଛନ୍ତି ଯଦ୍ୱାରା ଆମ ଭିତରେ ଆପୋଷରେ ପ୍ରେମ ଓ ଭାଇଚାରା ବଢୁଛି । ଆପଣମାନେ ଏକ ଶାନ୍ତିପ୍ରୀୟ ସମ୍ପ୍ରଦାୟ ଓ ଧର୍ମିୟ ସ୍ୱାଧିନତାକୁ ସଠିକ୍ ରୂପେ ବ୍ୟବହାର କରୁଛନ୍ତି ।

ତା'ପରେ ପୂର୍ବତନ ମେମ୍ବର ଅଫ୍ ପାର୍ଲିଆମେଂଟ Harry Van Bommel ସାହେବ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ । ଆମେ ଥାଇଲ୍ୟାଣ୍ଡ ଓ ମାଲେସିଆର ଅହେମଦୀ ଶରଣାର୍ଥିଙ୍କ ପାଇଁ ଚେଷ୍ଟା କରୁଅଛୁ । ସେମାନଙ୍କ ବିଷୟ ହଲାଣ୍ଡର ପାର୍ଲାମେଂଟରେ ମଧ୍ୟ କଥା ଉଠାଇଛୁ ଏବଂ ଆମେ ଇନ୍‌ଶାଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାରେ ସଫଳ ହେବୁ । ଏଠାକୁ ଆସିବାପାଁ ଓ ୟୁରୋପ ଯିବାପାଇଁ ରାସ୍ତା ଖୋଲିବ । ଚାରିମାସ ପୂର୍ବେ ମୁଁ ନିଜେ ଥାଇଲ୍ୟାଣ୍ଡ ଓ ମାଲେସିଆ ଯାଇଥିଲି । ସେହି ରିଫ୍ୟୁଜି (ଶରଣାର୍ଥୀ)ମାନଙ୍କ ସହିତ ସାକ୍ଷାତ କରିଥିଲି । ସେମାନେ ସେଠାରେ ବହୁତ ଦୁଃଖ ଓ କଷ୍ଟରେ କାଳାତିପାତ କରୁଛନ୍ତି ।

ତା'ପରେ Mayor of Nunspet Gemeente DHR B.Van De Weerd ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ମହାଶୟ କହିଲେ: ଖଲିଫତୁଲ୍ ମସିହଙ୍କର ଏଠାକୁ ଆସିବା ଆମ ପାଇଁ ଆନନ୍ଦର କଥା । ଆମେ ତାଙ୍କୁ ଏଠାକୁ ଆସିବା ଆମ ପାଇଁ ଆନନ୍ଦର କଥା । ଆମେ ତାଙ୍କୁ ଏଠାରେ ସ୍ୱାଗତ ଜଣାଇଚୁ । ଯମାତ୍ ସହିତ ଆମର ପୁରୁଣା ସମ୍ପର୍କ ରହିଛି । ଆମ ସମାଜରେ ଆପଣମାନଙ୍କର ବିଶେଷ ସ୍ଥାନ ରହିଛି । ଆପଣମାନଙ୍କ ପ୍ରେମ, ସ୍ନେହ ଓ ଭାଇଚାରା ଆମପାଇଁ ଆବଶ୍ୟକ । ଆପଣମାନଙ୍କ ଜଲ୍‌ସା ହେଉଛି ଏବେ ଧାର୍ମିକ ଜଲ୍‌ସା (ସମ୍ମିଳନୀ) । ଏଥିଯୋଗୁଁ ତାହା ସ୍ୱତନ୍ତ୍ର । ଏହି ତିନିଦିନରେ ଆମେ ସମସ୍ତେ ଏକଥା ଉପରେ ଚିନ୍ତା କରିବା ଯେ ଆମ ଜୀବନର ଉଦ୍ଦେଶ୍ୟ କଣ, ଆମେ ଆମ ସମାଜକୁ କିପରି ଉତମ କରି ଗଢ଼ିତୋଳିବା । ଆଶା କରୁଛି ଆପଣମାନେ ଏହି ପ୍ରଶ୍ନର ଉତର ପାଇବା ପାଇଁ ଚେଷ୍ଟା କରିବେ ।

ଏହାପରେ ଠିକ୍ ୪:୫୦ ମିନିଟରେ ହଜୁର ଅନୱର ଇଂରାଜୀ ଭାଷାରେ ବକ୍ତବ୍ୟ ପ୍ରଦାନ କଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ପ୍ରାରମ୍ଭିକ ସାହାବାମାନଙ୍କର ବଳିଦାନ ବହୁମାତ୍ରାରେ ଥିଲା ସେମାନଙ୍କର ମୁକାବିଲା ହିଁ କରାଯାଇପାରିବ ନାହିଁ ।**

**ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ସମ୍ବନ୍ଧରେ କହିଛନ୍ତି ଯେ ସେ ହେଉଛନ୍ତି ମୁସଲମାନ ସର୍ଦ୍ଦାର (ଦଳପତି)ମାନଙ୍କର ଦଳପତି ଏବଂ ଏହା ମଧ୍ୟ କହିଛନ୍ତି ଯେ ଅବ୍‌ଦୁର୍ ରହ୍‌ମାନ୍ ଆକାଶରେ ଅର୍ଥାତ ସ୍ୱର୍ଗରେ ମଧ୍ୟ ଅମିନ୍ ଓ ମର୍ତ୍ତ୍ୟରେ ମଧ୍ୟ ଅମିନ୍ ଅଟନ୍ତି ।**

**ଉହଦ୍ ଯୁଦ୍ଧ ଦିନ ଯେବେ ଲୋକମାନେ (ଅର୍ଥାତ ମୁସଲମାନମାନେ) ଅସୁବିଧାରେ ପଡ଼ିଗଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଦୃଢ଼ତାର ସହ ଲଢୁଥିଲେ ।**

**ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କୁ ଏ ସୌଭାଗ୍ୟ ପ୍ରାପ୍ତ ହୋଇଛି ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ତାଙ୍କ ପଛରେ ନମାଜ ପଢ଼ିଛନ୍ତି ।......... ମହାଭାଗ କହିଛନ୍ତି ଯେ ନବୀଙ୍କର ତୁମ ପଛରେ ନମାଜ ପାଠ କରିବା ଏହା ସୂଚିତ କରୁଛି ଯେ ତୁମେ ଜଣେ ପୂଣ୍ୟବନ୍ତ ବ୍ୟକ୍ତି ।**

**ଯେଉଁମାନେ ଅଶ୍‌ରା ମୁବଶରାଙ୍କ ମଧ୍ୟରେ ଥିଲେ ସେମାନଙ୍କୁ ତାଙ୍କ ଜୀବଦ୍ଦଶାରେ ହିଁ ମହାଭାଗ ସ:ଆ:ସ ବୈକୁଣ୍ଠ ପ୍ରାପ୍ତି କରିବାର ସୁସମାଚାର ଦେଇଥିଲେ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେମାନଙ୍କ ମଧ୍ୟରେ ଈଶ୍ୱର ଭୟ ଏତେମାତ୍ରାରେ ଥିଲା ଯେ, ସବୁବେଳେ ଚିନ୍ତାରେ ରହୁଥିଲେ ।**

**ଅଶ୍‌ରା ମୁବଶରା ମଧ୍ୟରେ ସାମିଲ ଥିବା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ବଦ୍‌ରି ଅନୁଚର ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ସୁଗୁଣର ଚର୍ଚ୍ଚା ।**

**ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଶୁଣିଛି ଯେ ଯେବେ ତୁମେ ଏ ବିଷୟ ଶୁଣ କି କୌଣସି ଏକ ସ୍ଥାନରେ ମହାମାରୀ ବ୍ୟାପି ଯାଇଛି, ତେବେ ସେଠାକୁ ଯାଅନାହିଁ । ଯଦି ଏପରି କୌଣସି ରୋଗ ତୁମେ ରହୁଥିବା ସ୍ଥାନରେ ବ୍ୟାପିଯାଇଥାଏ, ତେବେ ତୁମେ ସେହି ସ୍ଥାନରୁ ବାହାରି ଅନ୍ୟ କୌଣସି ଇଲାକାକୁ ଯାଅ ନାହିଁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୯ ଜୁନ୍ ୨୦୨୦ ଅନୁଯାୟୀ ୧୯ ଏହ୍‌ସାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍‌ଙ୍କର ଚର୍ଚ୍ଚା କରିଥିଲି ଯାହାର କିଛି ଅଂଶ ବାକି ରହିଯାଇଥିଲା । ତେଣୁ ତାହା ଆଜି ମୁଁ ଆଲୋଚନା କରିବି । ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍‌ଙ୍କର ଉମିୟା ବିନ୍ ଖଲଫ୍ ସହ ପୁରାତନ ବନ୍ଧୁତ୍ୱର ସମ୍ପର୍କ ରହିଥିଲା ଏହି ପ୍ରସଙ୍ଗରେ ଏକ ବିସ୍ତାର ବ୍ୟାଖ୍ୟା ସହି ବୁଖାରୀରେ ଉଲ୍ଲେଖ ରହିଛି ଯେଉଥିରେ ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍ ବର୍ଣ୍ଣନା କରନ୍ତି ଯେ ମୁଁ ଉମିୟା ବିନ୍ ଖଲଫ୍‌ଙ୍କୁ ପତ୍ର ଲେଖିଲି କି ସେ ମକ୍କାରେ ଥିବା ମୋ ଧନସମ୍ପତିର ସୁରକ୍ଷା ଦାୟିତ୍ୱ ବହନ କରନ୍ତୁ ଏବଂ ମଦିନାରେ ଥିବା ତାଙ୍କ ଧନସମ୍ପତିର ମୁଁ ରକ୍ଷଣ ବେକ୍ଷଣ କରିବି । ଉକ୍ତ ପତ୍ରରେ ମୁଁ ନିଜ ନାମ ଅବଦୁର୍ ରହ୍‌ମାନ ଲେଖିଥିଲି ଏହା ଦେଖି ଉମିୟା କହିଲା ମୁଁ କୌଣସି ଅବ୍‌ଦୁର୍ ରହ୍‌ମାନଙ୍କୁ ଜାଣିନାହିଁ । ମତେ ତୁମର ସେହି ନାମ ଲେଖ ଯାହାକି ଇସ୍‌ଲାମ୍ ପୂର୍ବରୁ ତୁମର ନାମ ଥିଲା । ସେ କୁହନ୍ତି ଏଥି ଅନ୍ତେ ମୁଁ ନିଜ ନାମ ଅବ୍‌ଦେ ଉମ୍‌ରୋ ଲେଖିଦେଲି । ବଦର୍ ଯୁଦ୍ଧ ସମୟରେ ରାତ୍ରରେ ଯେତେବେଳେ ସମସ୍ତେ ଲୋକମାନେ ଅର୍ଥାତ ମୁସଲମାନମାନେ ସୟନ କରୁଥିଲେ ମୁଁ ଉଠି ବାହାରି ଗଲି । ଏହି ଉଦ୍ଦେଶ୍ୟରେ କି ମୁଁ ଉମିୟାଙ୍କୁ ସୁରକ୍ଷା ପ୍ରଦାନ କରିବି । କିନ୍ତୁ ହଜ୍‌ରତ୍ ବିଲାଲ୍ ର:ଅ ମତେ ଦେଖିନେଲେ ଅତଏବ ସେ ଅନ୍‌ସାରମାନଙ୍କ ନିକଟକୁ ଯାଇ କହିଲେ ଯଦି ଆଜି ଉମିୟା ଖସି ପଳାଇଯାଏ ତେବେ ମୋର ନିସ୍ତାର ନାହିଁ । ବସ୍ତୁତଃ ହଜ୍‌ରତ୍ ବିଲାଲ୍ ଓ କିଛି ସାହାବା ଆମ ପଛରେ ବାହାରିପଡ଼ିଲେ । ଯେହେତୁ ମୁଁ ଉମିୟାଙ୍କୁ ସୁରକ୍ଷା ଦେବାକୁ ଚାହୁଁଥିଲି ତେଣୁ ମୁଁ ଭୟଭୀତ ହେଲି କି ସମ୍ଭବତଃ ସେମାନେ ଆମକୁ ଧରି ନ ନିଅନ୍ତୁ ତେଣୁ ମୁଁ ଉମିୟାଙ୍କର ପୁତ୍ରଙ୍କୁ ପଛରେ ଛାଡ଼ିଦେଲି ଓ ଆମେ ଆଗକୁ ବାହାରିଗଲୁ । ଯଦ୍ୱାରା ମୁସଲମାନମାନେ ଉମିୟାଙ୍କର ପୁତ୍ରଙ୍କ ସହି ଲଢ଼ିବାରେ ସମୟ ବ୍ୟତିତ କରିବେ ଏବଂ ଆମେ ଖସି ପଳାଇଯିବୁ । କିନ୍ତୁ ସେମାନେ ଉମିୟାର ପୁତ୍ରକୁ ନିହତ କରି ପୁନଶ୍ଚ ଆମ ପଛରେ ବାହାରିପଡ଼ିଲେ ଓ ମୋର ସମସ୍ତ ଯୋଜନା ପଣ୍ଡ ହୋଇଗଲା । ଯେହେତୁ ଉମିୟା ଜଣେ ବଳିଷ୍ଠ ଶରୀରଧାରୀ ବ୍ୟକ୍ତି ଥିଲା ତେଣୁ ଶିଘ୍ର ଏଣେତେଣେ ଚାଲି ଯାଇପାରୁନଥିଲା । ସୁତରାଂ ଯେତେବେଳେ ସେମାନେ ଆମକୁ ଧରି ନେଲେ ସେତେବେଳେ ମୁଁ ଉମିୟାଙ୍କୁ କହିଲି ଯେ, ତୁମେ ବସିପଡ଼ ସେ ବସି ପଡ଼ିଲା ଓ ମୁଁ ତା ଉପରେ ରହି ତାକୁ ମୁସଲମାନମାନଙ୍କ କବଳରୁ ରକ୍ଷା କରିବାକୁ ଚେଷ୍ଟା କଲି କିନ୍ତୁ ମୁସଲମାନମାନେ ମୋ ତଳୁ ତାହା ଉପରେ ଆକ୍ରମଣ କରି ତାକୁ ନିହତ କରିଦେଲେ ଏବଂ ଏଥିରେ ମୋ ଗୋଡ଼ରେ ମଧ୍ୟ ଖଡ୍ଗର ପ୍ରହାର ଲାଗି ଆଘାତ ହୋଇଥିଲା ଅର୍ଥାତ ମତେ କ୍ଷତ ପହଂଚିଥିଲା । ***(ସହୀ ବୁଖାରୀ......... ହଦିସ୍ ୨୩୦୧)***

ଇତିହାସ ତିବ୍‌ରି ପୁସ୍ତକରେ ଏଥି ସଂକ୍ରାନ୍ତରେ ଅଧିକ ବ୍ୟାଖ୍ୟା ଏପରି ଦରଜ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍ ବର୍ଣ୍ଣନା କରନ୍ତି କି ମକ୍କାରେ ଉମିୟା ବିନ୍ ଖଲଫ୍ ମୋର ଘନିଷ୍ଠ ବନ୍ଧୁ ଥିଲା, ସେତେବେଳେ ମୋର ନାମ ଅବ୍‌ଦେ ଅମ୍‌ରୋ ଥିଲା, ମକ୍କାରେ ଥିବା ଅବସ୍ଥାରେ ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲି ସେତେବେଳେ ମୋର ନାମ ପରିବର୍ତ୍ତନ କରି ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍ କରିଦିଆଗଲା । ଏହାପରେ ଉମିୟା ମୋ ସହ ଯେତେବେଳେ ମଧ୍ୟ ସାକ୍ଷାତ କରେ ଏହି କଥା କୁହନ୍ତି ଯେ, ଅବ୍‌ଦେ ଉମ୍‌ରୋ କଣ ତୁମ ପିତାଙ୍କ ଦ୍ୱାରା ରଖାଯାଇଥିବା ନାମକୁ ତୁମେ ବଦଳାଇ ଦେଲ ? ମୁଁ ଉତର ଦିଏ ହଁ ସେ ପୁର୍ନବାର କୁହେ କିନ୍ତୁ ମୁଁ ହଜ୍‌ରତ୍ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍‌ଙ୍କୁ ଜାଣେ ନାହିଁ ତେଣୁ ଭଲ ହେବ ତୁମେ ନିଜର ଅନ୍ୟ କିଛି ନାମ ରଖିନିଅ । ଯେଉଁ ନାମରେ ମୁଁ ତୁମକୁ ସମ୍ବୋଧନ କରିପାରିବି କାରଣ ନିଜ ପୂର୍ବ ନାମରେ ତୁମେ ମୋର ଉତର ଦେଉନାହଁ । ମୁଁ ପ୍ରତି ଉତରରେ କହିଲି ହେ ଅବୁ ଅଲୀ ଅର୍ଥାତ ଉମିୟାଙ୍କ ପୁତ୍ରଙ୍କ ନାମ ଅଲୀ ଥିଲା । ହେ ଅବୁ ଅଲୀ ଏହି ପ୍ରସଙ୍ଗରେ ତୁମେ ଯାହା ପସନ୍ଦ କର ସେହିପରି କରିନିଅ କିନ୍ତୁ ମୋ ପୂର୍ବନାମରେ ମତେ ସମ୍ବୋଧନ କରନାହିଁ କାରଣ ସେହି ନାମରେ

ଡ଼ାକିଲେ ମୁଁ ଉତର ଦେବିନାହିଁ । ସେ କହିଲା ଠିକ୍ ଅଛି ତେବେ ମୁଁ ତୁମକୁ ଅବଦେ ଇଲାହା ଡ଼ାକିଲେ କେମିତି ହେବ । ମୁଁ କହିଲି ଉତମ । ଅତଏବ ଆମେ ଦୁହେଁ ଯେତେବେଳେ ସାକ୍ଷାତ କରୁ ସେ ମତେ ଅବଦେ ଇଲାହା କରି ସମ୍ବୋଧନ କରନ୍ତି ଓ ମୁଁ ତାଙ୍କର କଥାର ଉତର ଦିଏ ଏପରି କି ବଦର ଯୁଦ୍ଧର ଦିନ ଆସିଗଲା । ମୁଁ ଉମିୟା ନିକଟରୁ ଅତିକ୍ରମ କଲି ସେ ନିଜ ପୁତ୍ର ଅଲୀ ସାଥିରେ ଛିଡ଼ା ହୋଇଥିଲା ମୋ ନିକଟରେ ସେତେବେଳେ ଅନେକ ରକ୍ଷା କବଚ ଥିଲା ଯାହାକୁ ନେଇ ମୁଁ ଅଗ୍ରସର ହେଉଥିଲି କି ଉମିୟା ମତେ ଅବ୍‌ଦେ ଉମ୍‌ରୋ କହି ସମ୍ବୋଧନ କଲା କିନ୍ତୁ ମୁଁ କୌଣସି ଉତର ଦେଲିନାହିଁ ସେତେବେଳେ ମତେ ସେ ଅବଦେ ଇଲାହା କହି ଡ଼ାକିବାରୁ ମୁଁ କହିଲି କଣ ହେଲା ? ସେ କହିଲା କଣ ମୁଁ ତୁମ ଦୃଷ୍ଟିରେ ସେହି ରକ୍ଷା କବଚ ଅପେକ୍ଷା ଅଧିକ ପ୍ରୀୟ ନୁହେଁ ? ମୁଁ ଉତର ଦେଲି ହଁ, ତୁମେ ମୋ ନିକଟରେ ଏସବୁଠାରୁ ଶ୍ରେୟସ୍କର ଅତଏବ ସେ ସମସ୍ତ ରକ୍ଷା କବଚ ଫିଙ୍ଗିଦେଇ ଉମିୟାକୁ ସୁରକ୍ଷା ଦେବା ନିମନ୍ତେ ତାହାର ଓ ତାଙ୍କ ପୁତ୍ର ଅଲୀର ହସ୍ତ ଧରିନେଲି । ଏଥିରେ ଉମିୟା କହିଲା ଆଜିଭଳି ଦିନ ମୁଁ ପୂର୍ବରୁ କେବେ ଦେଖିନାହିଁ । ସେ ଯାହା ହେଉ ମୁଁ ପିତା ଓ ପୁତ୍ରର ହାତ ଧରି ନିଜ ସାଥିରେ ନେଇ ଚାଲିଲି । ଉମିୟା କହିଲା ହେ ଅବ୍‌ଦେ ଇଲାହା ତୁମମାନଙ୍କ ମଧ୍ୟରେ ସେ କିଏ ଯାହା ପଛରେ ସତୁରୀଟି ଓଟୋପକ୍ଷୀର ପର ଲାଗିଥିଲା । ମୁଁ କହିଲି ସେ ହଜ୍‌ରତ୍ ହମ୍‌ଜା ବିନ୍ ଅବୁଦୁଲ୍ ମୁତଲିବ୍ । ସେ କହିଲା ଆମର ଆଜି ଏହି ଦସା ତାହା ଯୋଗୁଁ ହିଁ ହୋଇଛି । ଏହି ଦୁର୍ଦ୍ଦଶା ତାହା ଯୋଗୁଁ ହି ଘଟିଛି ସେ ଯାହା ହେଉ ନା କାହିଁକି ମୁଁ ସେହି ଦୁହିଁଙ୍କୁ ସାଥିରେ ନେଇ ଚାଲିଯାଉଥିଲି ଯେ, ବିଲାଲ ର:ଅ ମତେ ଦେଖିନେଲେ । ଏହି ଉମିୟା ମକ୍କାରେ ହଜ୍‌ରତ୍ ବିଲାଲ୍‌ଙ୍କୁ ଅତ୍ୟନ୍ତ କଠୋର ଶାସ୍ତି ଦେଉଥିଲା ଯଦ୍ୱାରା ସେ ଇସ୍‌ଲାମ ଧର୍ମ ତ୍ୟାଗ କରିନେବେ । ଯେତେବେଳେ ମକ୍କାର ପାହାଡ଼ିଆ ଚଟାଣ ସୂର୍ଯ୍ୟ ତାପରେ ଅତ୍ୟନ୍ତ ଉତପ୍ତ ହୋଇଯାଉଥିଲା ସେତେବେଳେ ଉମିୟା ବିଲାଲ୍ ର:ଅଙ୍କୁ ଉକ୍ତ ଚଟାଣ ଉପରେ ପେଟେଇ ଶୁଆଇ ଦେଉଥିଲେ ଓ ତା ଉପରେ ଖୁବ୍ ଓଜୋନିଆ ପ୍ରସ୍ତର ଖଣ୍ଡମାନ ଲଦି ଦେଉଥିଲେ ଏବଂ କହୁଥିଲେ କି ତୁମେ ଯେ ପର୍ଯ୍ୟନ୍ତ ମୁହମ୍ମଦ ସ:ଆ:ସଙ୍କ ଧର୍ମ ତ୍ୟାଗ କରିନାହୁଁ ସେ ପର୍ଯ୍ୟନ୍ତ ତତେ ଏପରି କଠୋର ଦଣ୍ଡ ମିଳୁଥିବ ଓ ତତେ ଶାସ୍ତି ପହଂଚୁଥିବ ଏହା ସତ୍ୱେ ମଧ୍ୟ ବିଲାଲ କେବଳ ଅହଦ୍ ଅହଦ୍ ହିଁ କହୁଥିଲେ । ସୁତରାଂ ଯେତେବେଳେ ବଦର୍ ଯୁଦ୍ଧରେ ବିଲାଲଙ୍କର ଦୃଷ୍ଟି ଉମିୟା ଉପରେ ପଡ଼ିଲା ସେ କହି ଉଠିଲେ ଯଦି ଉମିୟା ଆଜି ବର୍ତିଯାଏ ତେବେ ମୁଁ ମୁକ୍ତି ଲାଭ କରିପାରିବି ନାହିଁ । ବିଲାଲ ପୁନଶ୍ଚ ଚିତ୍କାର କହିଲେ, ହେ ଅନ୍‌ସାର ମାନେ ଏ ଉମିୟା ବିନ୍ ଖଲ୍‌ଫ ଅମାନ୍ୟକାରୀଙ୍କ ନେତା ଆଜି ଯଦି ଜିବୀତ ଖସି ପଳାଇଯାଏ ତେବେ ମୋର ବିନାଶ ଘଟିବ । ତାଙ୍କର ଏହି କଥାରେ ସମସ୍ତେ ଆମକୁ ଘେରି ନେଲେ, ମୁଁ ଉମିୟାଙ୍କୁ ରକ୍ଷା କରିବାପାଇଁ ଉଦ୍ୟମ କଲି । ପ୍ରଥମେ ଜଣେ ମୁସଲମାନ ତାହାର ପୁତ୍ର ଅଲୀ ଉପରେ ଖଡ୍ଗରେ ପ୍ରହାର କଲା ଏବଂ ସେ ସେହି ସ୍ଥଳେ ପଡ଼ିଗଲା ସେତେବେଳେ ଉମିୟା ଶ୍ରୀହିନ ହୋଇ ଏତେ ଉଚ୍ଚ ସ୍ୱରରେ ଚିତ୍କାର କଲା ଯେ ସେପରି ଚିତ୍କାର ମୁଁ ପୂର୍ବରୁ କଦାପି ଶୁଣିନଥିଲି । ମୁଁ ତାହାକୁ କହିଲି ଉମିୟା ପଳାୟନ କର କିନ୍ତୁ ସେ ସେଠାରୁ ପଳାୟନ କରିପାରିଲା ନାହିଁ । ପ୍ରଭୁଙ୍କ ରାଣ ମୁଁ ତୁମର କୌଣସି ସାହାଯ୍ୟ କରିପାରିବି ନାହିଁ । ଏଥିଅନ୍ତେ ଆକ୍ରମଣକାରୀମାନେ ସେ ଦୁହିଁଙ୍କ ଉପରେ ଏତେ ପ୍ରହାର କଲେ ଯେ, ସେମାନେ ଅର୍ଥାତ ଉମିୟା ଓ ତା ପୁତ୍ର ଅଲୀ ଦୁଇଜଣଯାକର ପ୍ରାଣବାୟୁ ହିଁ ଉଡ଼ିଗଲା । ଅର୍ଥାତ ସେହିଠାରେ ହିଁ ସେ ଦୁହେଁ ନିହତ ହେଲେ । ହଜ୍‌ରତ୍ ଅବଦୁର୍ ରହ୍‌ମାନ କୁହନ୍ତି ଅଲ୍ଲାଃ ତାଲା ବିଲାଲଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ । ମୁଁ ରକ୍ଷା କବଚ ଗୁଡ଼ିକ ହରାଇଲି ଏବଂ କଏଦୀଙ୍କୁ ମଧ୍ୟ ସେମାନେ ମୋଠାରୁ ଛଡ଼ାଇ ନେଲେ ।

***(ତାରିଖେ ତିବ୍‌ରି, ଖଣ୍ଡ-୨, ପୃ-୩୫......... ବେରୁତ ୧୯୮୭)***

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ ଥିଲେ । ଯେତେବେଳେ ସେହି ଯୁଦ୍ଧରେ ଜିତାପଟ ମୁସଲମାନମାନଙ୍କ ହସ୍ତରୁ ଖସିଗଲା । ସେତେବେଳେ ମଧ୍ୟ ସେ ହଜୁର ସ:ଆ:ସଙ୍କ ସାଥିରେ ଦୃଢ଼ତାର ସହ ଜମି ରହିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୫........... ବେରୁତ ୧୯୯୦)***

ସେହିଦିନ ତାଙ୍କ ଶରୀରରେ ୨୧ଗୋଟି ଆଘାତ ଲାଗିଥିଲା ଏବଂ ଗୋଡ଼ରେ ଏକ ଆଘାତ ଲାଗିଥିବା ଯୋଗୁଁ ସେ ପରବର୍ତୀ ସମୟରେ ଛୋଟେଇ ଛୋଟେଇ ଚାଲୁଥିଲେ ଏବଂ ସେ ନିଜ ସମ୍ମୁଖର ଦୁଇଟି ଦାନ୍ତ ମଧ୍ୟ ହରାଇଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୪୭୬.......... ବେରୁତ)***

ହଜ୍‌ରତ୍ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି । ଶାବାନ୍ ମାସ ୬ ହିଜ୍‌ରୀରେ ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନଙ୍କ ନେତୃତ୍ୱରେ ସାତଶହ ସୈନ୍ୟ ବିଶିଷ୍ଟ ଏକ ଦଳ ଦୁମ୍‌ତୁଲ୍ ଜନ୍ଦଲ୍ ଅଭିମୁଖେ ପ୍ରେରଣ କରିଥିଲେ । ହଜୁର ସ:ଆ:ସ ସ୍ୱହସ୍ତରେ ଏକ କୃଷ୍ଣବର୍ଣ୍ଣ ପଗଡ଼ି ତାଙ୍କ ମୁଣ୍ଡରେ ବାନ୍ଧିଥିଲେ । ଯାହାର ନିମ୍ନଭାଗ କାନ୍ଧ ମଧ୍ୟରେ ରହିଥିଲା । ତା'ପରେ ହଜୁର ସ:ଆ:ସ କହିଲେ ହେ ଅବୁ ମୁହମ୍ମଦ ! ମତେ ଦୁମ୍‌ତୁଲ୍ ଜନ୍ଦଲ୍ ଆଡୁ ନକରାତ୍ମକ ସୁଚନା ମିଳୁଅଛି । ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ସେଠାରେ ସୈନ୍ୟସାମନ୍ତ ଏକତ୍ରିତ ହେଉଛନ୍ତି । ତୁମେ ପ୍ରଭୁଙ୍କ ଖାତିର୍ ସେଠାକୁ ବାହାରି ଯାଅ ତୁମ ସହିତ ୭୦୦ ମୁସଲମାନ ବୀର ସୈନିକ ପ୍ରେରଣ କରୁଅଛି । ସେଠାରେ ପହଂଚି ପ୍ରଥମେ ସେଠିକାର ସର୍ଦ୍ଦାର ଓ ଉକ୍ତ ଜାତିକୁ ଇସ୍‌ଲାମ୍‌ର ବାର୍ତ୍ତା ପ୍ରଦାନ କରିବ । କିନ୍ତୁ ଯଦି ଯୁଦ୍ଧର ପରିସ୍ଥିତି ଉପୁଜେ ତେବେ ଏକଥା ମନେ ରଖିବ ଯେ କାହାର ସହିତ ବିଶ୍ୱାସଘାତକତା କରିବ ନାହିଁ । ପ୍ରତିଶୃତି ଭଙ୍ଗ କରିବନାହିଁ କି ପିଲା ଓ ମହିଳାମାନଙ୍କୁ ହତ୍ୟା କରିବନାହିଁ ଏବଂ ଈଶ୍ୱରଙ୍କ ବିରୋଧରେ ବିଦ୍ରୋହ କରୁଥିବା ଲୋକମାନଙ୍କ କବଳରୁ ବସୁଧା ମାଆକୁ ପବିତ୍ର କରିଦେବ । ଏହି ସମସ୍ତ ସର୍ତାବଳୀ ସହିତ ଧର୍ମଯୁଦ୍ଧର ଅନୁମତି ପ୍ରଦାନ କରୁଅଛି । ଅତଏବ ହଜରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଦୁମ୍‌ତୁଲ୍ ଜନ୍ଦଲଠାରେ ପହଂଚିଲେ ସେଠିକାର ଲୋକମାନଙ୍କୁ ତିନିଦିନ ଧରି ଇସ୍‌ଲାମ୍‌ର ବାର୍ତା ଦେଇ ସେମାନଙ୍କୁ ଇସ୍‌ଲାମ୍ ଆଡ଼କୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ସେମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ଅସ୍ୱୀକାର କରିଥିଲେ । ତିନିଦିନ ପରେ ଅସ୍‌ବଗ୍ ଅମ୍‌ରୋ କଲ୍‌ବି ଯିଏ ଜଣେ ଇସାଇଥିଲେ ଓ ସେମାନଙ୍କର ସର୍ଦ୍ଦାର ଥିଲେ । ଅର୍ଥାତ ଅମାନ୍ୟକାରୀମାନଙ୍କର ସର୍ଦ୍ଦାର ଥିଲେ ସେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହଜୁର ସ:ଆ:ସଙ୍କୁ ସମସ୍ତ ଘଟଣାବଳୀ ସମ୍ପର୍କରେ ପତ୍ର ଲେଖି ଅବଗତ କରାଇଲେ ହଜୁର ସ:ଆ:ସ କହିଲେ ସେହି ସର୍ଦ୍ଦାରର ସୁପୁତ୍ରୀ ତୁମାଜିର୍‌ଙ୍କୁ ତୁମେ ବିବାହ କରିନିଅ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ତୁମାଜିରଙ୍କୁ ବିବାହ କରିଥିଲେ ଏବଂ ତାଙ୍କୁ ସାଥିରେ ନେଇ ମଦିନା ପ୍ରତ୍ୟାବର୍ତନ କରିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ପତ୍ନୀ ତୁମାଜିର୍ ପରବର୍ତୀ ପ୍ରଜାୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇ ଅବୁ ସଲ୍‌ମା ନାମରେ ନାମିତ ହୋଇଥିଲେ । ***(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୧୦୬)***

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୬........... ବେରୁତ)***

ଉମର୍ ବିନ୍ ଅବଦୁଲ୍ ଅଜିଜ୍ ବର୍ଣ୍ଣନା କରନ୍ତି, ୧୪ ହିଜ୍‌ରୀରେ ଜସର୍ ଯୁଦ୍ଧ ଅବସରରେ ହଜ୍‌ରତ୍ ଉମର୍ ର:ଅଙ୍କୁ ହଜରତ୍ ଅବୁ ଉବୈଦ୍ ବିନ୍ ମସ୍‌ଉଦ୍‌ଙ୍କ ଶହୀଦ ହୋଇଯିବା ବିଷୟରେ ସୁଚନା ମିଳିଲା । ଯାହାଙ୍କୁ ଫାର୍ସୀମାନଙ୍କ ହାତି ଦଳି ଶହୀଦ କରିଦେଇଥିଲେ ଏବଂ ଏହି ସୁଚନା ମଧ୍ୟ ମିଳିଲା ଯେ, ଫାର୍ସୀମାନେ ଇରାନ୍‌ର ଏକ ବ୍ୟକ୍ତିକୁ ନିଜର ମହାରାଜା ଘୋଷିତ କରିଦେଇଛନ୍ତି । ସେତେବେଳେ ଆପଣ ମୁହାଜରି ଏବଂ ଅନ୍‌ସାରମାନଙ୍କୁ ଧର୍ମ ଯୁଦ୍ଧ ପାଇଁ ଡ଼ାକରା ଦେଲେ ଏବଂ ମଦିନାରୁ ବାହାରି ସରାର ସ୍ଥାନରେ ଅବସ୍ଥାନ କରିଥିଲେ ତଥା ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ଅଓ୍ୱସ୍ ଅଭିମୁଖେ ପ୍ରେରଣ କରିଦେଲେ । ଆପଣ ସେନାର ଦକ୍ଷିଣ ହସ୍ତ ଅର୍ଥାତ ମେମ୍‌ନାକୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ଅଧିନ କରିଥିଲେ ଏବଂ ସେନାର ବାମ ହସ୍ତ ଅର୍ଥାତ ମୈସ୍‌ରାକୁ ହଜ୍‌ରତ୍ ଜୁବୈର୍ ବିନ୍ ଅଓ୍ୱାମ୍‌ଙ୍କ ଅଧିନସ୍ଥ କରିଥିଲେ । ତଥା ହଜ୍‌ରତ୍ ଅଲୀଙ୍କୁ ମଦିନାରେ ସମସ୍ତ ଦାୟିତ୍ୱ ତୁଲାଇବାକୁ ଛାଡ଼ି ଆସିଥିଲେ । ଉକ୍ତ ସ୍ଥାନରେ ହଜ୍‌ରତ୍ ଉମର୍ ମୁସଲମାନଙ୍କ ସହିତ ପରାମର୍ଶ କଲେ ସମସ୍ତେ ଆପଣଙ୍କୁ ଫରାସୀ ଯିବାକୁ ପରାମର୍ଶ ଦେଲେ । ଇତି ମଧ୍ୟରେ ହଜ୍‌ରତ୍ ତଲ୍‌ହା ପ୍ରତ୍ୟାବର୍ତନ କରିଥିଲେ ଏବଂ ତାଙ୍କର ମଧ୍ୟ ମତ ସମାନ ଥିଲା ଅର୍ଥାତ ଅମୀରୁଲ୍ ମୁମିନିନ୍ ଫରାସୀ ଅର୍ଥାତ ଇରାନ୍ ଅଭିମୁଖେ ଯାତ୍ରା କରନ୍ତୁ । କାରଣ ପରାମର୍ଶ କରିବା ସମୟରେ ହଜ୍‌ରତ୍ ତଲ୍‌ହା ସେଠାରେ ଉପସ୍ଥିତ ନଥିଲେ କିନ୍ତୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସେମାନଙ୍କ ମତଠାରୁ ଭିନ୍ନ ମତ ପ୍ରକାଶ କରିଥିଲେ କି ହଜୁରଙ୍କୁ ଇରାନ୍ ଯିବାରୁ ବାରଣ କରିବା ଉଚିତ ଏବଂ ଏହି ଯୁକ୍ତି ଦର୍ଶାଇ ଥିଲେ ଯେ, ଆଜି ପୂର୍ବରୁ ନା ମୁଁ ହଜୁର ସ:ଆ:ସଙ୍କ ବ୍ୟତିତ କାହାପାଇଁ ନିଜ ପିତାମାତାଙ୍କୁ ଉତ୍ସର୍ଗ କରିଥିଲି ନା ଆସନ୍ତାରେ କରିବି କିନ୍ତୁ ଆଜି ମୁଁ କହୁଛି ଯେ, ଏ ପ୍ରସଙ୍ଗରେ ଚୁଡ଼ାନ୍ତ ନିଷ୍ପତି ମୋ ଉପରେ ଛାଡ଼ି ଦିଆଯାଉ ଏବଂ ଆପଣ ସରାର ସ୍ଥାନରେ ଅଟକି ରୁହନ୍ତି ଯେଉଁଠାରେ ହଜୁର ହଜ୍‌ରତ୍ ଖଲିଫା ଉମର୍ ର:ଅ ଅବସ୍ଥାନ କରିଥିଲେ । ଓ ଏକ ବଡ଼ ସେନାକୁ ପ୍ରେରଣ କରିଦିଅନ୍ତୁ ଅର୍ଥାତ ନିଜେ ଇରାନ୍ ଯିବା ପରିବେର୍ତ ନିଜ ସ୍ଥାନରେ ଏକବଡ଼ ସେନାକୁ ସେଠାକୁ ଶତୃର ମୁକାବିଲା କରିବାପାଇଁ ପ୍ରେରଣ କରିଦିଅନ୍ତୁ । ପ୍ରାରମ୍ଭରୁ ନେଇ ଆଜି ପର୍ଯ୍ୟନ୍ତ ଆପଣ ନିଜ ସେନାମାନଙ୍କ ସପକ୍ଷରେ ପରମେଶ୍ୱରଙ୍କ ନିର୍ଣ୍ଣୟ ଦେଖି ଆସିଛନ୍ତି ଯଦି ଆପଣଙ୍କ ସେନା ପରାଜୟ ହୁଅନ୍ତି ତେବେ ଆପଣଙ୍କର ପରାଜୟ ହେବ କିନ୍ତୁ ଯଦି ଆପଣ ସ୍ୱୟମଂ ଯୁଦ୍ଧରେ ସାମିଲ ହୁଅନ୍ତି ଓ ଈଶ୍ୱର ନ କରନ୍ତୁ ଯେ ଆପଣ ଯଦି ନିହତ ହୋଇଯାଆନ୍ତି, ତେବେ ମୁସଲମାନମାନେ କଦାପି ତକ୍‌ବିର୍ ର ସ୍ୱର ଉଚ୍ଚାରଣ କରିପାରିବେ ନାହିଁ ଓ ନା ସେମାନେ **"ଲା ଇଲାହା ଇଲ୍ଲଲ୍ଲହା** ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ପୂଜାର ଅଧିକାରୀ କେହି ନୁହନ୍ତି" ଏହାର ସାକ୍ଷ୍ୟ ଦେଇପାରିବେ । ସେତେବେଳେ କିନ୍ତୁ ହଜ୍‌ରତ୍ ଉମର୍ କାହାରି ଅପେକ୍ଷାରେ ଥିଲେ ଯାହାକୁ ସେ ସେନାଧକ୍ଷ କରିବାକୁ ଚାହୁଁଥିଲେ । ଇତିମଧ୍ୟରେ ହଜୁରଙ୍କ ନିକଟକୁ ହଜ୍‌ରତ୍ ସାଆଦ୍‌ଙ୍କ ପତ୍ର ଆସି ପହଂଚିଲା ସେତେବେଳେ ସେ ନଜଦ୍ ଅଂଚଳରେ କର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଆଦାୟ ଦାୟିତ୍ୱରେ ନିୟୋଜିତ ଥିଲେ । ହଜ୍‌ରତ୍ ଉମର୍ କହିଲେ ହେ ଅବ୍‌ଦୁର୍ ର୍‌ହମାନ ତେବେ ତୁମେ ହିଁ କୁହ କାହାକୁ ମୁଁ ନିଜ ସେନାର ସେନାଧ୍ୟକ୍ଷ କରିବି ? ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ତାହା ତ ଆପଣଙ୍କୁ ମିଳିଗଲାଣି । ହଜ୍‌ରତ୍ ଉମର୍ ପୁନଶ୍ଚ ପଚାରିଲେ ସେ କିଏ ? ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଉତର ଦେଲେ ଲୁଚି ରହିଥିବା ମହାବଳ ବାଘ ସାଆଦ୍ ବିନ୍ ମାଲିକ୍, ସେ ଜଣେ ମହାନ୍ ବୀର ଓ ଉତମ ସେନାଧ୍ୟକ୍ଷ ସୁତରାଂ ତାଙ୍କୁ ସେନାଧ୍ୟକ୍ଷ ପଦବୀ ପ୍ରଦାନ କରି ଉକ୍ତ ସ୍ଥାନକୁ ପ୍ରେରଣ କରାଗଲେ ସେ ଏଥିରେ କୃତକାର୍ଯ୍ୟ ହୋଇପାରନ୍ତି ଏବଂ ଏହି ମତରେ ସମସ୍ତେ ସହମତି ପ୍ରକାଶ କରିଥିଲେ ଏହା ମଧ୍ୟ ତିବ୍‌ରିରେ ଉଲ୍ଲେଖ ରହିଛି ।

*(ତାରିଖେ ତିବ୍‌ରି ଖଣ୍ଡ-୩, ପଅ-୩୮୧-୩୮୨..... ବେରୁତ ୧୯୮୭) (ଅଲ୍‌କାମିଲ୍ ଫିଲ୍ ତାରିଖ ଖଣ୍ଡ-୨, ପୃ-୨୮୭...... ବେରୁତ ୨୦୦୩) (ଫରହଙ୍ଗ୍ ସିରତ୍...... ପୃ-୧୭୨........ କରାଚି ୨୦୦୩)*

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମଦିନାରେ ଭିନ୍ନ ଭିନ୍ନ ଗୋଷ୍ଠୀ ଓ ସାହାବାଙ୍କୁ ରହିବା ନିମନ୍ତେ ଜମି ପ୍ରଦାନ କରିଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ମସ୍‌ଜିଦ୍ ନବ୍‌ୱିର୍ ପଛପଟେ ଥିବା ଖଜୁରୀଗଛ ବଗିଚାର ଏକ ଜମି ପ୍ରଦାନ କରିଥିଲେ ଏବଂ କିଛି ଜମି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଓ ଉମର୍ ର:ଅଙ୍କ ଯାଗିର ସ୍ୱରୁପ ପ୍ରଦାନ କରିଥିଲେ । ହଜ୍‌ରତ୍ ଉମର୍‌ଙ୍କ ପରିବାରଠାରୁ ଏହି ଜାଗାକୁ ପୁଣି ହଜ୍‌ରତ୍ ଜୁବୈର୍ ଖରିଦ୍ କରିନେଇଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନଙ୍କୁ ଏହି ପ୍ରତିଶୃତି ମଧ୍ୟ ଦେଇଥିଲେ ଯେ, ଯେତେବେଳେ ପରମେଶ୍ୱର ମୁସଲମାନମାନଙ୍କୁ ସିରିଆ ଜୟ କରିବାର ଅବସର ପ୍ରଦାନ କରିବେ ସେତେବେଳେ ତୁମକୁ ଅମୁକ ଜମିର ମାଲିକତ୍ୱ ହାସଲ ହେବ ଅତଏବ ହଜ୍‌ରତ ଉମର ର:ଅଙ୍କ ସମୟ କାଳରେ ମୁସଲମାନମାନେ ସିରିୟା ବିଜୟ କଲେ । ସେତେବେଳେ ହଜୁର ସ:ଆ:ସଙ୍କ ପ୍ରତିଶୃତି ରକ୍ଷା କରି ହଜ୍‌ରତ୍ ଉମର୍ ର:ଅ ଉକ୍ତ ଜମି ତାଙ୍କୁ ପ୍ରଦାନ କରେଇଥିଲେ । ସେହି ଅଂଚଳର ନାମ ସଲିଲ ଥିଲା ।

*(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୦୫-୧୦୬)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନଙ୍କୁ ଏହି ସୌଭାଗ୍ୟ ହାସଲ ଥିଲା ଯେ ହଜୁର ସ:ଆ:ସ ତାଙ୍କ ପଛରେ ନମାଜ ପାଠ କରିଥିଲେ । ଅତଃ ହଜରତ ମୁଗେରା ର:ଅ ବର୍ଣ୍ଣନା କରନ୍ତି ମୁଁ ହଜୁର ସ:ଆ:ସଙ୍କ ସାଥିରେ ତବୁକ୍ ଯୁଦ୍ଧରେ ସାମିଲ ଥିଲି । ଦିନେ ହଜୁର ସ:ଆ:ସ ଫଜର୍ ନମାଜ ପୂର୍ବରୁ ମଳ ତ୍ୟାଗ କରିବାକୁ ବାହାରିଗଲେ । ମୁଁ ମହାଭାଗଙ୍କ ପଛରେ ଜଳଥଳି ନେଇ ବାହାରିପଡ଼ିଲି ଯେତେବେଳେ ହଜୁର ମୋ ନିକଟକୁ ଆସିଲେ ମୁଁ ତାଙ୍କ ପବିତ୍ର ହସ୍ତରେ ପାଣି ଢ଼ାଳିଲେ ଏବଂ ଆପଣ ତିନିଥର ହାତ ଧୋଇଲେ ପୁନଶ୍ଚ ନିଜ ମୁଖ ଧୋଇଲେ । ତା'ପରେ କହୁଣୀ ପର୍ଯ୍ୟନ୍ତ ହାତ ଧୋଇଲେ ତା'ପରେ ଗୋଡ଼ ମୋଜା ଉପରେ ମସା କରିନେଲେ । ମୁଗେରା କୁହନ୍ତି ହଜୁର ଆଗକୁ ଅଗ୍ରସର ହେଲେ ଏବଂ ମୁଁ ଆପଣଙ୍କ ପଛରେ ଚାଲିଲି ଏପରି କି ଆମେ ଲୋକମାନଙ୍କ ଗହଣରେ ଆସି ପହଂଚିଗଲୁ । ସେତେବେଳକୁ ଲୋକେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ଆଗକୁ କରିନେଇଥିଲେ ଓ ସେ ଲୋକମାନଙ୍କୁ ନମାଜ ପାଠ କରିବା ସକାଶେ ତାଙ୍କର ଇମାମ୍ ସାଜିଥିଲେ । ହଜୁର ସ:ଆ:ସ ସେମାନଙ୍କ ସାଥିରେ ଗୋଟିଏ ରେକାତ୍ ନମାଜ ପାଠ କରିବାକୁ ପାଇଲେ । ଅର୍ଥାତ ସେତେବେଳକୁ ପ୍ରଥମ ରେକାତ୍ ଶେଷ ହୋଇ ଦ୍ୱିତୀୟ ରେକାତ ଆରମ୍ଭ ହୋଇଯାଇଥିଲା । ଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସଲାମ୍ ଫେରିବାପରେ ହଜୁର ସ:ଆ:ସ ନିଜର ରହିଯାଇଥିବା ନମାଜ ସମ୍ପୁର୍ଣ୍ଣ କରିବାପାଇଁ ଛିଡ଼ା ହେଲେ ଏହା ଦେଖି ମୁସଲମାନମାନେ ଭୟଭୀତ ହେଲେ ଏବଂ ଅତ୍ୟଧିକ ତସ୍‌ବିହ୍ କରିବା ଆରମ୍ଭ କରିଦେଲେ । ଯେତେବେଳେ ହଜୁର ସ:ଆ:ସ ନିଜର ନମାଜ ସମାପ୍ତ କଲେ ଲୋକମାନଙ୍କ ଆଡ଼କୁ ମୁହାଁଇଲେ ଏବଂ କହିଲେ ତୁମେମାନେ କିଛି ଭୁଲ କରିନାହଁ ଅର୍ଥାତ ଧାର୍ଯ୍ୟ ସମୟରେ ସାହାବାଙ୍କ ନମାଜ ପାଠ କରିବାକୁ ନେଇ ହଜୁର ଗର୍ବିତ ଥିଲେ ଏବଂ ଆନନ୍ଦର ଏକଥା ପରିପ୍ରକାଶ କଲେ । ମୁଗୈରା କୁହନ୍ତି ଯେତେବେଳେ ଆମେ ସେଠାରେ ପହଂଚିଲୁ ଅର୍ଥାତ ଲୋକମାନଙ୍କ ଗହଣରେ ମୁସଲମାନମାନଙ୍କ ଗହଣରେ ପହଂଚିଲୁ ସେତେବେଳେ ଆଗକୁ ବଢ଼ି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ପଛକୁ କରିବାକୁ ମୁଁ ଚିନ୍ତା କରିଥିଲି କିନ୍ତୁ ହଜୁର ସ:ଆ:ସ ମତେ ଏପରି କରିବାକୁ ବାରଣ କଲେ । ଏବଂ କହିଲେ ନା' ତାଙ୍କୁ ନମାଜ ପାଠ କରାଇବାକୁ ଦିଅ ନମାଜ ଅନ୍ତେ ହଜୁର ସ:ଆ:ସ କହିଲେ ପ୍ରତ୍ୟେକ ନବୀ ନିଜ ଜୀବନ କାଳ ମଧ୍ୟରେ ନିଜର କୌଣସି ପୂଣ୍ୟବନ୍ତ ମାନ୍ୟକାରୀଙ୍କ ପଛରେ ଅବଶ୍ୟ ନମାଜ ପାଠ କରିଥାଏ ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

*(ସହି ମୁସ୍‌ଲିମ୍ ......... ହଦିସ୍ ୨୭୪) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୫...... ବେରୁତ ୧୯୯୦)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ଆଉ ଏକ ବଡ଼ ସୌଭାଗ୍ୟ ଲାଭ ଥିଲା କି ହଜୁର କହିଲେ ତୁମେ ବେଶ୍ ସୁନ୍ଦର ନମାଜ ପାଠ କରାଇଲେ ବରଂ ଆହୁରି କହିଲେ କି ତୁମ ପଛରେ ମୋର ନମାଜ ପାଠ କରିବା ପ୍ରମାଣିତ କରୁଛି ଯେ, ତୁମେ ପୂଣ୍ୟବନ୍ତ ବ୍ୟକ୍ତି ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଜୋହର୍ ପୂର୍ବରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନଫିଲ୍ ନମାଜ ପାଠ କରନ୍ତି ଏବଂ ଯେତେବେଳେ ଅଜାନ୍ ଶୁଣନ୍ତି ସେତେବେଳେ ସେ ନମାଜ ପଢ଼ିବାକୁ ମସ୍‌ଜିଦ୍ ଚାଲିଯାଆନ୍ତି ।

*(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୦୭)*

ଜଣେ ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ମୁଁ ଦେଖିଲି ଯେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଖାନାକାବାର ପ୍ରରିକ୍ରମଣ କରୁଥିଲେ ଏବଂ ଏହି ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ମତେ ଆତ୍ମକୃପଣତାରୁ ସର୍ବଦା ସୁରକ୍ଷା ପ୍ରଦାନ କର ଅର୍ଥାତ ସୁରକ୍ଷିତ ରଖ, ନିବୃତ ରଖ । *(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୦)*

ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ଯେଉଁ ବର୍ଷ ହଜ୍‌ରତ୍ ଉମର୍ ର:ଅ ଖଲିଫା ରୂପେ ନିର୍ବାଚିତ ହେଲେ । ସେହିବର୍ଷ ସେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ହଜ୍‌ର ଅମୀର ନିଯୁକ୍ତ କରିଥିଲେ ।

*(ତାରିଖେ ତିବ୍‌ରି ଖଣ୍ଡ-୩, ପୃ-୩୭୯-୩୮୦...... ବେରୁତ ୧୯୮୭)*

ଏକଦା ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ତାଙ୍କ ନିଜ ମୁଣ୍ଡରେ ଅଧିକ ଉକୁଣୀ ହେବାର ଅଭିଯୋଗ କରିଥିଲେ । ଏହାର ପ୍ରତିକାରରେ ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ରେଶମ୍ ବସ୍ତ୍ର ପିନ୍ଧିବାକୁ ଅନୁମତି ପ୍ରଦାନ କରିଥିଲେ । ସମ୍ଭବତଃ ସାଧାରଣ ପଶମ ବସ୍ତ୍ର ଯୋଗୁଁ ମୁଣ୍ଡରେ ଉକୁଣୀ ହୋଇଯାଇଥିବ ଓ ଏଣୁ ତାହା ଶେଷ ହେଉନଥିଲେ ଏପରି ହଜୁର କରିବାକୁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ ରେଶମ ବସ୍ତ୍ର ଦ୍ୱାରା କିଛି ମାତ୍ରାରେ ସେଥିରୁ ରକ୍ଷା ମିଳିଯାଇଥାଏ । ଯେତେବେଳେ ହଜୁର ସ:ଆ:ସ ଏବଂ ହଜ୍‌ରତ ଅବୁବକର ର:ଅଙ୍କର ନିଧନ ହେଲା ଓ ହଜ୍‌ରତ ଉମର୍ ଖଲିଫା ହେଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ନିଜ ପୁତ୍ର ଅବୁ ସଲ୍‌ମାଙ୍କୁ ସାଥିରେ ନେଇ ହଜ୍‌ରତ୍ ଉମର୍‌ଙ୍କ ନିକଟରେ ଉପସ୍ଥିତ ହେଲେ । ସେହି ସମୟରେ ଅବୁ ସଲାମ୍ ରେଶମ ବସ୍ତ୍ର ପରିଧାନ କରିଥିଲେ । ଏହା ଦେଖି ଉମର କହିଲେ ଏହା କଣ ପରିଧାନ କରିଛ ? ଏବଂ ବସ୍ତ୍ରରେ ହାତ ପୁରାଇ ଫାଡ଼ିଦେଲେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ କଣ ଆପଣଙ୍କୁ ଜଣାନାହିଁ ଯେ, ହଜୁର ସ:ଆ:ସ ମତେ ଏପରି ଅନୁମତି ପ୍ରଦାନ କରିଛନ୍ତି ଏଥିରେ ଉମର ର:ଅ କହିଲେ ହଁ ଠିକ୍ ଅଛି ତାହା କେବଳ ଆପଣଙ୍କୁ ଦେଇଥିଲେ । କାରଣ ଆପଣ ନିଜ ମୁଣ୍ଡରେ ଉକୁଣୀ ହେବାର ଅଭିଯୋଗ କରିଥିଲେ କିନ୍ତୁ ଆପଣଙ୍କ ବ୍ୟତିତ ଅନ୍ୟ କାହାରିକୁ ଏହି ଅନୁମତି ପ୍ରଦାନ କରାଯାଇନଥିଲା ।

*(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୯୬........... ବେରୁତ ୧୯୯୦)*

ସାଆଦ୍ ବିନ୍ ଇବ୍ରାହିମ୍‌ଙ୍କଠାରୁ ବର୍ଣ୍ଣନା କରାଯାଏ ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଗୋଟିଏ ଚାଦର ପିନ୍ଧୁଥିଲେ ଯାହାର ହାରାହାରି ମୂଲ୍ୟ ୫୦୦ ଦିର୍‌ହମ୍ ଥିଲା ।

*(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୯୭........... ବେରୁତ ୧୯୯୦)*

ଯେତେବେଳେ ସେ ହିଜ୍‌ରତ୍ କରିଥିଲେ ସେତେବେଳେ ତାଙ୍କ ନିକଟରେ କିଛି ନଥିଲା ଅର୍ଥାତ ଟଙ୍କାଟିଏ ବି ନଥିଲା । କିନ୍ତୁ ଏହାପରେ ସେ ସବୁଠାରୁ ମୁଲ୍ୟମାନ ବସ୍ତ୍ର ପରିଧାନ କରିଥିଲେ ଓ ଅଲ୍ଲାଃ ତାଲା ତାଙ୍କ ସମ୍ପତିରେ ଅଜସ୍ର ସମୃଦ୍ଧି ପ୍ରଦାନ କରିଥିଲେ ।

ହଜ୍‌ରତ୍ ଅବୁବକର ର:ଅ ରୋଗଗ୍ରସ୍ତ ଥିବା ସମୟରେ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ ପରେ ଖଲିଫା ନିଯୁକ୍ତ କରିଥିଲେ । ଯେତେବେଳେ ହଜ୍‌ରତ୍ ଅବୁବକର ର:ଅ ହଜରତ ଉମର୍ ର:ଅଙ୍କୁ ଖଲିଫା ଦାୟିତ୍ୱଭାର ଅର୍ପଣ କରିବାକୁ ଚାହିଁଲେ । ସେତେବେଳେ ସେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ଡ଼କାଇଲେ ଏବଂ ତାଙ୍କୁ ପଚାରିଲେ ଯେ, ଉମର୍ ସକ୍ରାନ୍ତରେ ତୁମର ରାୟ କଣ ? ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ହେ ରସୁଲ୍‌ଙ୍କ ଖଲିଫା ଅନ୍ୟମାନଙ୍କ ତୁଳନାରେ ଆପଣଙ୍କ ରାୟଠାରୁ ବଳି ସେ ଉତମ କିନ୍ତୁ ତାଙ୍କ ସ୍ୱଭାବରେ କିଛିଟା କଠୋରଭାବ ରହିଛି । ଅବୁବକର ର:ଅ କହିଲେ ଏହା ଏଥିଯୋଗୁଁ କି ମତେ ସେ ନମ୍ର ଦେଖନ୍ତି । ତେଣୁ ସମାନତା ଏହା ପାଇଁ ଆବଶ୍ୟକ ଯେ, ତାଙ୍କର କଠୋର ଭାବର ଆବଶ୍ୟକ ଥିଲା ଅର୍ଥାତ ସମାନତା ରକ୍ଷା କରିବାପାଇଁ ଏହାର ଆବଶ୍ୟକତା ଥିଲା କି,

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ମୁଁ ନମ୍ର ଥିବା ଅବସ୍ଥାରେ ସେ କଠୋରତା ପ୍ରଦର୍ଶନ କରନ୍ତୁ । କିନ୍ତୁ ଯେତେବେଳେ ତାଙ୍କ ଉପରେ ଦାୟିତ୍ୱ ଭାର ପଡ଼ିବ ସେତେବେଳେ ତାଙ୍କର ଏଭଳି ସ୍ୱଭାବ ଆପେ ଆପେ ଉଭେଇ ଯିବ । ଅର୍ଥାତ ଆପେ ଆପେ ତାଙ୍କର ଏହି କଠୋର ସ୍ୱଭାବ ଉଭେଇ ଯିବ ଏବଂ ସେ ନମ୍ର ପାଲଟି ଯିବେ । ପୁନଶ୍ଚ କହିଲେ ହେ ଅବୁ ମୁହମ୍ମଦ ମୁଁ ତାଙ୍କର ଗଭୀର ଅନୁଧ୍ୟାନ କରିଛି ଯେତେବେଳେ ମୁଁ କୌଣସି ବ୍ୟକ୍ତି ଉପରେ ଉତ୍ୟକ୍ତ ଓ କ୍ରୋଧିତ ହୁଏ ସେତେବେଳେ ଉମର୍ ମତେ ତାହା ଉପରେ ରାଜି ହେବାପାଇଁ ପରାମର୍ଶ ଦିଅନ୍ତି ଏବଂ ତାଙ୍କ ପରାମର୍ଶ ନମ୍ରତା ପୂର୍ଣ୍ଣ ଥାଏ ଏବଂ ଯେତେବେଳେ ମୁଁ କାହା ସହ ନମ୍ର ଆଚରଣ କରେ ସେତେବେଳେ ସେ କଠୋରତା ପ୍ରଦର୍ଶନ କରନ୍ତି ।

ପୁଣି ହଜ୍‌ରତ୍ ଅବୁ ବକର୍ ର:ଅ ତାଙ୍କୁ କହିଲେ ଯେ ଅବୁ ମହୁମ୍ମଦ୍ ! ମୁଁ ଯେଉଁ କଥା ତୁମକୁ କହିଲି ତାହା ତୁମେ ଆଉ କାହାକୁ କହିବ ନାହିଁ ଏଥିରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ହଁ ଠିକ୍ ଅଛି ***(ତାରିଖେ ତିବ୍‌ରି ଖଣ୍ଡ-୩...... ବେରୁତ ୧୯୮୭)*** ମକ୍କା ବିଜୟ ପରେ ଯେତେବେଳେ ହଜୁର ସ:ଆ:ସ ବିଭିନ୍ନ ଦିଗକୁ କେତେକ ପ୍ରତିନିଧିଦଳ ପ୍ରେରଣ କଲେ । ସେତେବେଳେ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କୁ ବନୁ ହଜିମା ଆଡ଼କୁ ପ୍ରେରଣ କରିଥିଲେ । ବନୁ ହଜିମ୍ା ଅଶିକ୍ଷିତ ଯୁଗରେ ହଜ୍‌ରତ ଅବ୍‌ଦୁର୍ ରହ୍‌ମିନ୍ ବିନ୍ ଅଓଫଙ୍କ ପିତା ଅଓଫ୍ ଓ ହଜ୍‌ରତ୍ ଖାଲିଦ୍‌ଙ୍କର ଚଚା ଫାତେହ୍ ବିନ୍ ମୁଗେରାଙ୍କୁ ହତ୍ୟା କରିଥିଲେ । ସେହି ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ହଜ୍‌ରତ୍ ଖାଲିଦ୍ ଭୁଲ୍‌ବଶତଃ ହତ୍ୟା କରିଦେଇଥିଲେ । ଯେତେବେଳେ ହଜୁର ସ:ଆ:ସ ଉକ୍ତ ଘଟଣା ସମ୍ପର୍କରେ ସୁଚନା ପାଇଲେ ସେତେବେଳେ ହଜୁର ସ:ଆ:ସ ଏହାକୁ ନାପସନ୍ଦ କଲେ ଏବଂ ତାହାର ଦିୟତ୍ (ଅର୍ଥାତ ଉକ୍ତ ହତ୍ୟା କରିଥିବା ବ୍ୟକ୍ତି)ର କ୍ଷତିପୁରଣ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ହଜ୍‌ରତ୍ ଖାଲିଦ୍ ସେମାନଙ୍କଠାରୁ ଯାହା କିଛି ବି ନେଇଥିଲେ ତାହାର ମୂଲ୍ୟ ତାଙ୍କ ନିକଟରେ ପଇଠ କରିଦେଇଥିଲେ । ହଜ୍‌ରତ ଅବ୍‌ଦୁର୍ ରହ୍‌ମିନ୍ ବିନ୍ ଅଓଫ ର:ଅ ଖାଲିଦ୍ ର:ଅଙ୍କୁ କହିଲେ କି ତୁମେ ତାଙ୍କୁ ଏଥିପାଇଁ ତାଙ୍କୁ ହତ୍ୟା କରିଥିଲ କି ସେ ତୁମ ଚଚାଙ୍କୁ ହତ୍ୟା କରିଥିଲା । ହଜ୍‌ରତ୍ ଖାଲିଦ୍ ରାଗିଯାଇ ଉତର ଦେଲେ ଯେ, ସେ ତୁମ ପିତାଙ୍କୁ ମଧ୍ୟ ହତ୍ୟା କରିଥିଲା । ହଜ୍‌ରତ୍ ଖାଲିଦ୍ ତାଙ୍କୁ ଅଧିକନ୍ତୁ କହିଲେ ଯେ, ତୁମେ ଏହି ଦିନଗୁଡ଼ିକୁ ଦୀର୍ଘ କରିବାକୁ ଚାହୁଁଛ ଅର୍ଥାତ ସେମାନଙ୍କଠୁ ତୁମେ ଲାଭାନ୍ୱିତ ହେବାକୁ ଚାହୁଁଛ ଯେ, ତୁମେ ଆମମାନଙ୍କ ପୂର୍ବରୁ ବିଶ୍ୱାସ ଆଣିନେଇଛ । ତେଣୁ ତୁମେ ନିଜକୁ ସମ୍ମାନୀୟ ବୋଲି ମନେ କରୁଛ । ତେଣୁ ଉକ୍ତ କଥାକୁ କେନ୍ଦ୍ର କରି ତୁମେ ମତେ ଏପରି କହୁଛ । ଯେତେବେଳେ ନବୀ କରିମ୍ ସ:ଆ:ସ ସେହି କଥାକୁ ଶୁଣିଲେ ଯେ, ହଜ୍‌ରତ୍ ଖାଲିଦ୍ ର:ଅ କ୍ଷୋଭ ପ୍ରକାଶ କରିଥିଲେ ସେତେବେଳେ ହଜୁର କହିଲେ ଯେ, ମୋ ସାହାବାମାନଙ୍କୁ ଛାଡ଼ି ଦିଅ ମୁଁ ସେହି ଅସ୍ତିତ୍ୱର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋ ପ୍ରାଣବାୟୁ ଅଛି । ତୁମମାନଙ୍କ ମଧ୍ୟରୁ ଯଦି କେହି ୱହଦ୍ ପର୍ବତ ପରି ସ୍ୱର୍ଣ୍ଣ ବ୍ୟୟ କରେ ତେବେ ସୁଦ୍ଧା ସେହି ସାହାବାଙ୍କ ସର୍ବନିମ୍ନ ବ୍ୟୟର ସମତୁଲତା ଲାଭ କରିପାରିବ ନାହିଁ । ***(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୧୦୮-୧୦୯) (ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୪୭୯.......... ବେରୁତ)***

ତେଣୁ ସେମାନଙ୍କର ମୁକାବିଲା କରାଯାଇପାରିବ ନାହିଁ । ସେମାନେ ଅତୁଳନୀୟ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ ଅବ୍‌ଦୁର୍ ରହ୍‌ମିନ୍ ବିନ୍ ଅଓଫଙ୍କ ସମ୍ପର୍କରେ କହିଲେ ଯେ, ସେ ହେଉଛନ୍ତି ମୁସଲମାନମାନଙ୍କ ଦଳପତିମାନଙ୍କର ଦଳପତି ଏବଂ ଏହା ମଧ୍ୟ କହିଲେ ଯେ, ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ସ୍ୱର୍ଗଲୋକରେ ଅମିନ୍ ଅର୍ଥାତ ବିଶ୍ୱସ୍ତ ଏବଂ ମର୍ତ୍ତ୍ୟଲୋକରେ ମଧ୍ୟ ଅମିନ୍ ।

***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୮୪୬.......... ବେରୁତ)***

ଏକଦା ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଭିଷଣରୂପେ ଅସୁସ୍ଥ ହୋଇପଡ଼ିଲେ ଏବଂ ଅଚେତ ହୋଇଗଲେ । ଏହା ଦେଖି ତାଙ୍କ ପତ୍ନୀ ଭୟରେ ଚିତ୍କାର କରି ଉଠିଲେ, ସେ ଯାହା ହେଉନା କାହିଁକି ଏହାପରେ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଲା ଏବଂ ସେ ଆରୋଗ୍ୟ ଲାଭ କଲେ ସେତେବେଳେ ସେ କହିଲେ ଯେ ଯେତେବେଳେ ମୁଁ ଚେତା ହରାଇ ତଳେ ପଡ଼ିଗଲି ସେତେବେଳେ ମୁଁ ଦେଖିଲି ଦୁଇଜଣ ବ୍ୟକ୍ତି ମୋ ପାଖକୁ ଆସିଲେ ଏବଂ କହିଲେ ଚାଲ ! ପରାକ୍ରମୀ ଓ ବିଶ୍ୱସ୍ତ ସତାଙ୍କ ଆଗରେ ତୁମର ବିଚାର କରାଯିବ । ତେବେ ସେହି ଦୁଇଜଣ ବ୍ୟକ୍ତିଙ୍କୁ ତୃତୀୟ ବ୍ୟକ୍ତି ମିଳିଲା ଏବଂ କହିବାକୁ ଲାଗିଲା ଯେ, ଏ ବ୍ୟକ୍ତିଙ୍କୁ ନିଅନ୍ତୁ ନାହିଁ କାରଣ ଉକ୍ତ ବ୍ୟକ୍ତି ଜଣକ ନିଜ ମାତାଙ୍କ ଗର୍ଭରୁ ହିଁ ସୌଭାଗ୍ୟଶାଳୀ ଅଟେ । ଉକ୍ତ ଦୃଶ୍ୟ ହଜ୍‌ରତ ଅବ୍‌ଦୁର୍ ରହ୍‌ମିନ୍ ବିନ୍ ଅଓଫ ନିଜ ସକ୍ରାନ୍ତରେ ଅବଲୋକନ କରିଥିଲେ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୨୯୧.......... ବେରୁତ ୧୯୯୫)***

ନୌଫିଲ୍ ବିନ୍ ଅୟାସ ହୁଜଲି କୁହନ୍ତି ଯେ, ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଆମ ସଭାରେ ବସନ୍ତି, ସେ ସର୍ବୋତମ ସାଥି ଥିଲେ । ଦିନେ ସେ ଆମମାନଙ୍କୁ ନିଜ ଘରକୁ ନେଇଗଲେ, ଘରେ ସ୍ନାନ କଲେ ଏବଂ ଆମ ନିକଟରେ ଖାଦ୍ୟ ପାତ୍ର ଆଣି ରଖିଲେ ଯହିଁରେ ରୋଟି ଓ ମାଂସ ଥିଲା । ପୁଣି କେଜାଣି କଣ ହେଲା ସେ କାନ୍ଦିବା ଆରମ୍ଭ କରିଦେଲେ । ଆମେ ତାଙ୍କୁ ପଚାରିଲୁ ହେ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ! ଆପଣଙ୍କୁ କଣ ହୋଇଛି ଆପଣ କାହିଁକି କାନ୍ଦୁଛନ୍ତି ? ସେ କହିଲେ ହଜୁର ସ:ଆ:ସ ଏହିଭଳି ଅବସ୍ଥାରେ ଇହଧାମରୁ ଚାଲିଗଲେ ଯେ, ଆପଣ ଓ ଆପଣଙ୍କ ପରିବାରବର୍ଗଙ୍କୁ ଯଅ ନିର୍ମିତ ରୋଟି ମଧ୍ୟ ଖାଇବାକୁ ମିଳିନଥିଲା । ଅର୍ଥାତ ଦିନେ ହେଲେ ଆପଣ ଓ ଆପଣଙ୍କ ପରିବାରବର୍ଗ ପେଟପୁରା ରୋଟି ଖାଇନାହାନ୍ତି । ଯେବେ କି ମହାଭାଗ ସର୍ବଶ୍ରେଷ୍ଠ ନବୀ ଥିଲେ, ପୁନଶ୍ଚ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ କହିଲେ ଯେ, ମୁଁ ଏହା ଉଚିତ ବୋଲି ମନେ କରୁନାହିଁ ଯେ, ଯେଉଁ ବସ୍ତୁ ପାଇଁ ଆମମାନଙ୍କୁ ଏତେ ଅତିରିକ୍ତ ସମୟ ମିଳିଲା ତାହା ଆମ ପକ୍ଷରେ କେବେ ଲାଭଦାୟକ ହେବ ବୋଲି ଅର୍ଥାତ ଆମମାନଙ୍କୁ ଏପରି ଦୀର୍ଘ ଜୀବନର ଅବସର ମିଳିଲା । ତାହା ଆମ ପକ୍ଷରେ ଲାଭଦାୟକ ହେବ ବା ପରୀକ୍ଷାର ବିଷୟ ।

***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୨୯୧.......... ବେରୁତ ୧୯୯୫)***

ସୁତରାଂ ଏହା ହେଉଛି ସେହି ସାହାବାମାନଙ୍କର ଭାବବେଗ ଅଲ୍ଲାଃ ତାଲାଙ୍କୁ ଭୟ କରିବା ଏବଂ ହଜୁର ସ:ଆ:ସ ଓ ତାଙ୍କ ପରିବାରବର୍ଗଙ୍କ ପ୍ରତି ଆବେଗପୂର୍ଣ୍ଣ ଭାବପ୍ରିତି ରଖିବା । ଏହି ଆବେଗ କେବଳ ହଜୁର ସ:ଆ:ସ ଓ ଆପଣଙ୍କ ପରିବାରବର୍ଗଙ୍କ ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ସାହାବାମାନଙ୍କ ପାଇଁ ମଧ୍ୟ ପାରସ୍ପରିକ ଭାବପ୍ରିତିର ପରିପ୍ରକାଶ ହେଉଥିଲା ଏବଂ ଏପରି ଆଦର୍ଶମୂଳକ ଓ ଅବର୍ଣ୍ଣନୀୟ ପାରସ୍ପରିକ ପ୍ରେମ ଓ ଅନୁରାଗ ସାହାବାମାନଙ୍କ ମଧ୍ୟରେ ଆପୋଷରେ ରହିଥିଲା ଯେ ଏଥିସଂକ୍ରାନ୍ତରେ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ର:ଅଙ୍କ ସମ୍ବନ୍ଧରେ ଏକ ଘଟଣା ବର୍ଣ୍ଣନା ରହିଛି ଯେ, ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ନିକଟକୁ ଦିନେ ଇଫ୍‌ତାରି ସମୟରେ ଭୋଜନ ଆସିଲା ଯେଉଁଥିରେ ନାନାପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ, ଖାଦ୍ୟାସନରେ ଶୋଭା ବର୍ଦ୍ଧିତ କରୁଥିଲା । ଯେତେବେଳେ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ମୁଠାଏ ଆହାର ଖାଇବାପାଇଁ ଉଠାଇଲେ ସେତେବେଳେ ସେ କାନ୍ଦ କାନ୍ଦ ହୋଇପଡ଼ିଲେ ଏବଂ ଏହା କହି ଖାଦ୍ୟାସନରୁ ଉଠି ପଳାଇଲେ ଯେ, ମୁସ୍‌ଅବ୍ ବିନ୍ ଉମେର୍ ର:ଅ ୱହଦ୍ ଯୁଦ୍ଧରେ ବିରଗତୀ ପ୍ରାପ୍ତ କରିଥିଲେ । ସେ ଆମଠାରୁ ଉତମ ଥିଲେ ତାଙ୍କୁ ତାଙ୍କରି ଚଦରର କଫନ ପିନ୍ଧା ଯାଇଥିଲା ଅର୍ଥାତ କଫନ ନିମନ୍ତେ ବସ୍ତ୍ର ମଧ୍ୟ ଉପଲବ୍ଧ ନଥିଲା । ସେ ଯେଉଁ ଚାଦର ପରିଧାନ କରିଥିଲେ ତାହାକୁ କଫନ୍ କରି ତାଙ୍କୁ ପିନ୍ଧା ଯାଇଥିଲା ଏବଂ ସେହି କଫନ୍‌ର ଅବସ୍ଥା ଅତନ୍ତ୍ୟ ସୋଚନୀୟ ଥିଲା ଅର୍ଥାତ ଯଦି ପାଦକୁ ଘୋଡ଼ା ଯାଉଥିଲା ସେତେବେଳେ ତାଙ୍କ ମୁଣ୍ଡ ଫୁଙ୍ଗୁଳା ରହିଯାଉଥିଲା ଏବଂ ତାଙ୍କ ମୁଣ୍ଡକୁ ଘୋଡ଼ାଇବାକୁ ଚେଷ୍ଟା କଲେ ତାଙ୍କ ପାଦ ଫୁଙ୍ଗୁଳା ରହିଯାଉଥିଲା । ଅର୍ଥାତ ସମ୍ପୁର୍ଣ୍ଣ ଶରୀର ଆବୃତ ହେଉନଥିଲା । ପୁନଶ୍ଚ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ କହିବାକୁ ଲାଗିଲେ ଯେ, ହମ୍‌ଜା ର:ଅ ଯେତେବେଳେ ବିରଗତୀ ପ୍ରାପ୍ତ କଲେ ସେତେବେଳେ ସେ ମୋଠାରୁ ମଧ୍ୟ ଅତି ଉତମ ବ୍ୟକ୍ତି ଥିଲେ କିନ୍ତୁ ଆପଣମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ଓ ସାଂସାରିକ ସ୍ୱଚ୍ଛଳତା ପ୍ରଦାନ କରାଗଲା ଏବଂ ଆମମାନଙ୍କୁ ତହିଁରୁ ଯଥେଷ୍ଟ ଅଂଶ ମିଳିଲା । ମୁଁ ଭୟ କରୁଛି ଯେ ଆମ ପୂଣ୍ୟର ପ୍ରତିଫଳ ଆମକୁ ଏହି ଭବ ସଂସାରରେ ହିଁ ପ୍ରାପ୍ତ ହୋଇଯାଇଛି । ଏହା ପରେ ସେ କାନ୍ଦିବା ଆରମ୍ଭ କରିଦେଲେ ଏବଂ ଖାଇବା ଛାଡ଼ିଦେଲେ । ଏପରି ଥିଲା ସାହାବାମାନଙ୍କର ଅଲ୍ଲାଃ ତାଲାଙ୍କ ପ୍ରତି ଭୟ । ***(ରୌଶନ୍ ସିତାରେ........ ଖଣ୍ଡ-୨, ପୃ-୧୧୧-୧୧୨)***

ଉମ୍ମୁଲ୍ ମୁମିନିନ୍ ହଜ୍‌ରତ୍ ଉମ୍ମେ ସଲ୍‌ମା ର:ଅ ବର୍ଣ୍ଣନା କରନ୍ତି ଯେ, ତାଙ୍କ ନିକଟଙ୍କୁ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ର:ଅ ଆସିଲେ ଏବଂ କହିଲେ ହେ ମୋର ମାତା ମୁଁ ଆଶଙ୍କା କରୁଛି ଯେ, ଧନର ଆବଶ୍ୟକତା ମୋର ସର୍ବନାଶ ନ କରିଦେଉ । କାରଣ ମୁଁ କୁରୈଶ୍‌ଙ୍କ ମଧ୍ୟରୁ ସବୁଠାରୁ ବଡ଼ ଧର୍ନାଢ଼୍ୟ ବ୍ୟକ୍ତି । ସେ ଉତର ଦେଲେ ପୁତ୍ର ଯଦି ଅଲ୍ଲାଃଙ୍କ ମାର୍ଗରେ ବୟ କରିବ ତାହା ହେଲେ କୌଣସି ସର୍ବନାଶ ବା କ୍ଷତିର ପ୍ରଶ୍ନ ହିଁ ଉଠୁନାହିଁ । କାରଣ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ମୋର କେତେକ ସାଙ୍ଗସାଥିମାନେ ଏପରି ମଧ୍ୟ ହେବେ ଯେ ମୁଁ ସେମାନଙ୍କଠାରୁ ଦୁରେଇ ଯିବି । ମୁଁ ସେମାନଙ୍କଠାରୁ ଦୁରେଇଯିବା ପରେ ସେମାନେ ମତେ ପୁର୍ନବାର କେବେହେଲେ

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ଦେଖିପାରିବେ ନାହିଁ । ଅର୍ଥାତ ଅନ୍ୟ କେତେକ ଲୋକମାନେ ସେହି ସ୍ତର ପର୍ଯ୍ୟନ୍ତ ପହଂଚିପାରିବେ ନାହିଁ । ଯେତେବେଳେ ହଜ୍‌ରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଘରୁ ବାହାରକୁ ବାହାରିଲେ ସେତେବେଳେ ବାଟରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଭେଟିଲେ ଏବଂ ତାଙ୍କୁ ଉକ୍ତ କଥା ସମ୍ପର୍କରେ ଅବଗତ କଲେ । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମଂ ହଜ୍‌ରତ୍ ଉମ୍ମେ ସଲ୍‌ମା ର:ଅଙ୍କ ନିକଟକୁ ଆସିଲେ ଏବଂ ପ୍ରଶ୍ନ କଲେ ମୁଁ ଆପଣଙ୍କୁ ଅଲ୍ଲାଃ ତାଲାଙ୍କ ଶପଥ ଦେଇ କହୁଛି ଯେ, ଆପଣ ମତେ କୁହନ୍ତୁ କି କଣ ମୁଁ ସେହି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯେ ହଜୁର ସ:ଆ:ସ ଏପରି କହିଥିଲେ, ଯେ ସେମାନେ ମତେ ଆଉ ପାଇପାରିବେ ନାହିଁ । ଅର୍ଥାତ ଯାହାଙ୍କ ସମ୍ବନ୍ଧରେ ଯାହାଙ୍କ ପ୍ରସଙ୍ଗରେ ହଜୁର ଏକଥା କହିଥିଲେ କଣ ମୁଁ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ? ହଜ୍‌ରତ୍ ଉମ୍ମେ ସଲ୍‌ମା ର:ଅ କହିଲେ, ନାଁ ଆପଣ ସେମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ନୁହନ୍ତି କିନ୍ତୁ ଆପଣଙ୍କ ପରେ ମୁଁ କାହା ସପକ୍ଷରେ ଏହା କହିପାରିବି ନାହିଁ ଯେ ସେମାନେ ହଜୁର ସ:ଆ:ସଙ୍କୁ ଦେଖିପାରିବେ କି ନାହିଁ ।

***(ଅଲ୍‌ଇସ୍‌ତିୟାବ୍.......... ଖଣ୍ଡ-୨, ପୃ- ୮୪୮-୮୪୯ ବେରୁତ)***

କିନ୍ତୁ ଏହା ମଧ୍ୟ ସ୍ପଷ୍ଟ ହେଉଛି କି ସେପରି ଯେପରି ମୁଁ ପୂର୍ବେ କହିଛି ଯେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ କି ଅଶରା ମୁବଶିରା ମାନଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ବୈକୁଣ୍ଠର ଅଧିକାରି ହେବାର ସୁସମ୍ବାଦ ମଧ୍ୟ ହଜୁର ସ:ଆ:ସ ତାଙ୍କ ଜୀବନରେ ହିଁ ପ୍ରଦାନ କରିଦେଇଥିଲେ । କିନ୍ତୁ ତଥାପି ସେହି ଲୋକମାନଙ୍କ ମଧ୍ୟରେ ଅଲ୍ଲାଃ ତାଲାଙ୍କ ଭୟ ଓ ତ୍ରାସ ଏତେମାତ୍ରାରେ ଭରି ରହିଥିଲା କି ସେମାନେ ସର୍ବଦା ଏହି ଚିନ୍ତାରେ ଗତି କରୁଥିଲେ । ଏବଂ ଉକ୍ତ କଥାକୁ ଶୁଣି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଅତିସୟ ଦାନ ଦକ୍ଷିଣା ମଧ୍ୟ କଲେ ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଅବାସ୍ ର:ଅ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ସିରିୟା ଅଭିମୁଖେ ବାହାରିଲେ ଏପରିକି ସେ ସର୍ଗ ନାମକ ସ୍ଥାନରେ ପହଂଚିଲେ । ସର୍ଗ ହେଉଛି ସେହି ସ୍ଥାନ ଯାହାକି ସିରିୟା ଓ ହିଜାଜ୍‌ର ସୀମାବର୍ତୀ ଅଂଚଳରେ ତବୁକ୍ ନାମକ ଉପତ୍ୟାକାରେ ଅବସ୍ଥିତ ଏକ ବସ୍ତିର ନାମ । ଯାହାକି ମଦିନାଠାରୁ ପ୍ରାୟ ୧୩ ରାତ୍ରର ଦୁରତାରେ ଅବସ୍ଥିତ ଅର୍ଥାତ ସେତେବେଳେ ଯଦି ଯେଉଁ ବାହାନମାନ ଉପଲବ୍ଧ ଥିଲା ତହିଁରେ ଯାତ୍ରା କରାଯାଏ ତେବେ କ୍ରମାଗତ ଭାବରେ ୧୩ ଦିନ ଯାତ୍ରା କଲେ ସେହି ସ୍ଥାନରେ ଲୋକେ ପହଂଚୁଥିଲେ । ସେ ଯାହା ହେଉନା କାହିଁକି ହଜ୍‌ରତ୍ ଉମର୍ ସର୍ଗ ସ୍ଥାନରେ ସେନାଦଳର ସେନାପତି ହଜ୍‌ରତ୍ ଅବୁ ଉବେଦା ବିନ୍ ଅଲ୍‌ଜର୍‌ହା ଏବଂ ତାଙ୍କର ସାଥିମାନଙ୍କୁ ଭେଟିଥିଲେ । ଉକ୍ତ ଘଟଣାଟି ହେଉଛି ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟର ସିରିୟା ବିଜୟର ୧୮ ହିଜରୀର । ସେହି ଲୋକମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ସିରିୟା ଦେଶରେ ପ୍ଲେଗ ମହାମାରୀର ପାଦୁର୍ଭାବ ଘଟିଛି । ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ କହନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ କହିଲେ, ପରାମର୍ଶ ନିମନ୍ତେ ମୋ ନିକଟକୁ ପ୍ରାରମ୍ଭିକ ମୁହାଜିର୍‌ମାନଙ୍କୁ ଡ଼ାକିଦିଅ । ସେମାନେ କଣ ମତେ ମତ ଦେଉଛନ୍ତି । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ସହିତ ପରାମର୍ଶ କଲେ କିନ୍ତୁ ହିଜରତକାରୀଙ୍କ ମଧ୍ୟରେ ମତାନ୍ତର ଦେଖାଦେଲା । କେତେକ କହିଲେ ଉକ୍ତ ପ୍ରସଙ୍ଗରୁ ବିଚ୍ୟୁତ ହେବା ଅନୁଚିତ ଅର୍ଥାତ ଯାତ୍ରା ଜାରି ରଖିବା ଉଚିତ । ଅପରପକ୍ଷରେ ଅନ୍ୟକେତେକ ସାହାବା କହିଲେ ଯେ ସେନାଦଳରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ସାହାବାମାନେ ସାମିଲ ଅଛନ୍ତି ଏବଂ ସେମାନଙ୍କୁ ଉକ୍ତ ସଂକ୍ରାମକ ରୋଗରେ ଆକ୍ରାନ୍ତ କରାଇବା ଠିକ୍ ହେବନାହିଁ ପ୍ରତ୍ୟାବର୍ତନ କରିଯିବା ହିଁ ଉଚିତ ମନେ ହେଉଛି । ହଜ୍‌ରତ୍ ଉମର୍ ର:ଅ ହିଜ୍‌ରତାକରୀଙ୍କୁ ଫେରାଇଦେଲେ ଓ ଅନ୍‌ସାରମାନଙ୍କୁ ପରାମର୍ଶ ନିମନ୍ତେ ଡ଼କାଇଲେ ଏବଂ ସେମାନଙ୍କଠାରୁ ପରାମର୍ଶ ନେଲେ କିନ୍ତୁ ଅନ୍‌ସାରମାନଙ୍କ ମଧ୍ୟରେ ମଧ୍ୟ ମୁହାଜିର୍‌ମାନଙ୍କ ପରି ମତାନ୍ତର ଦେଖାଦେଲା । ସେମାନେ ମଧ୍ୟ ଗୋଟିଏ କଥାରେ ଏକମତ ହେଲେନାହିଁ । ହଜ୍‌ରତ୍ ଉମର୍ ର:ଅ ଅନ୍‌ସାରମାନଙ୍କୁ ପଠାଇଦେଲେ ଓ କୁରୈଶ୍‌ର ବୟସ୍କଙ୍କୁ ଡ଼କାଇଲେ । ଯେଉଁମାନେ ମକ୍କା ବିଜୟ ସମୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ମଦିନା ଆସିଥିଲେ । ସୁତରାଂ ସେମାନଙ୍କୁ ଡ଼କାଗଲା ସେମାନେ ଏକସ୍ୱରରେ ପରାମର୍ଶ ଦେଲେ ଯେ ସେମାନଙ୍କୁ ସାଙ୍ଗରେ ଧରି ଫେରିଯାଆନ୍ତୁ ଅର୍ଥାତ ସୈନ୍ୟମାନଙ୍କୁ ସାଙ୍ଗରେ ଧରି ଏଠାରୁ ପ୍ରତ୍ୟାବର୍ତନ କରିଯାଆନ୍ତୁ । ଉକ୍ତ ସ୍ଥାନକୁ ଅର୍ଥାତ ରଣ ଭୁମିକୁ ଯିବା ଆବଶ୍ୟକ ନାହିଁ । କାରଣ ସେଠାରେ ମହାମାରୀ ରୋଗର ପାଦୁର୍ଭାବ ଘଟିଛି । ତେଣୁ ରୋଗ ବ୍ୟାପିଥିବା ଅଂଚଳକୁ ସୈନ୍ୟମାନଙ୍କୁ ନେଇଯିବାଟା ଠିକ୍ ହେବନି । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ପରାମର୍ଶକୁ ଗ୍ରହଣକରି ସେହିଠାରୁ ଫେରିଯିବାର ଘୋଷଣା କଲେ । ହଜ୍‌ରତ୍ ଅବୁ ଉବୈଦା ର:ଅ ବିନ୍ ଜରାଃ ଉକ୍ତ ଅବସରରେ ପ୍ରଶ୍ନ କଲେ ଯେ, କଣ ଅଲ୍ଲାଃ ତାଲାଙ୍କ ନିୟତିରୁ ଆପଣ ପଳାୟନ କରୁଛନ୍ତି ଏବଂ ଏପରି କରିବା ସମ୍ଭବପର । ଆପଣ ଉକ୍ତ ସଂକ୍ରାମକ ରୋଗପ୍ରତି ଭୟଭିତ ହୋଇ ଏଭଳି ପଳାୟନ କରୁଛନ୍ତି । ଏହା ତ ଅଲ୍ଲାଃ ତାଲାଙ୍କ ବିଧିର ବିଧାନ ତାହା ସହ କିଏ ବା ଲଢ଼ିବ । ହଜ୍‌ରତ୍ ଉମର୍ ର:ଅ ଅବୁ ଉବୈଦା ର:ଅଙ୍କୁ କହିଲେ ହେ ଅବୁ ଉବୈଦା ! ଏପରି ହୁଅନ୍ତା କି ଏହି କଥା ତୁମ ବ୍ୟତିତ ଅନ୍ୟ କେହି କହିଥାନ୍ତା ଭଲା । ହଁ ଏହା ସତ ଯେ ଆମେମାନେ ଅଲ୍ଲାଃ ତାଲାଙ୍କର ଗୋଟିଏ ଭାଗ୍ୟ ଲେଖାରୁ ପଳାୟନ କରି ଅନ୍ୟ ଏକ ଭାଗ୍ୟ ଲେଖା ଆଡ଼କୁ ଅଗ୍ରସର ହେଉଅଛୁ । ସୁତରାଂ ଉମର୍ ର:ଅ ଭାଗ୍ୟବାଦ ସମ୍ପର୍କରେ ବୁଝାଇ କହିଲେ , ଯଦି ତୁମ ନିକଟରେ ଓଟ ଥାଆନ୍ତି ଏବଂ ତୁମେ ସେମାନଙ୍କୁ ଧରି ଏକ ଉପତ୍ୟକାରେ ଅବତରଣ କର ଯାହାର ଦୁଇଟି ପାର୍ଶ୍ୱ ଥିବ ଏବଂ ଗୋଟିଏ ପାର୍ଶ୍ୱ ଶସ୍ୟଶାମଳ ଥିବ ଏବଂ ଅନ୍ୟ ପାର୍ଶ୍ୱଟି ଟଙ୍ଗରା ଭୁମି ଥିବ । କଣ ଏପରି ହେବନାହିଁ ଯେ ତୁମେ ନିଜର ଓଟକୁ ଶସ୍ୟଶାମଳ ଚାରଣ ଭୁମିରେ ଚରାଇବ ତେବେ ତାହା ଅଲ୍ଲାଃ ତାଲାଙ୍କ ଭାଗ୍ୟ ହେବ ଏବଂ ଯଦି ତୁମେ ନିଜର ଓଟକୁ ଟାଙ୍ଗରା ଭୂମିରେ ଚରାଇବା ପାଇଁ ଛାଡ଼ିଦେବ । ତେବେ ତାହା ମଧ୍ୟ ଅଲ୍ଲାଃ ତାଲାଙ୍କର ଭାଗ୍ୟ ହେବ । ବର୍ତମାନ ଅଲ୍ଲାଃ ତାଲାଙ୍କର ନିୟତି ତୁମ ନିକଟରେ ଦୁଇଟି ବିକଳ୍ପ ରଖିଛି । ତୁମେ ଶସ୍ୟଶାମଳ ଚାରଣ ଭୁମିକୁ ବାଛି ନେଉଛ ଅବା ଦ୍ୱିତୀୟ ବିକଳ୍ପରେ ସେହି ଟାଙ୍ଗରା ଭୁମିକୁ ଯେଉଁଠାରେ କି ସ୍ଥାନେ ସ୍ଥାନେ ଗୁଳ୍ମ ଜାତୀୟ ଲତା ଓ ଶୁଷ୍କ ଘାସମାନ ରହିଛି ସେଠାରେ ଛାଡ଼ି ଦେଉଛ । ବର୍ତମାନ ତୁମେ ବିଚାର କର ଯେ କେଉଁ ବିକଳ୍ପଟି ତୁମ ନିକଟରେ ଉତମ ଓ ଶ୍ରେୟସ୍କର । ସମ୍ଭବତଃ ତୁମେ ଶସ୍ୟଶ୍ୟାମଳ ସ୍ଥାନରେ ତୁମର ଓଟକୁ ଚରାଇବ । ବର୍ଣ୍ଣନାକାରୀ କୁହନ୍ତି ଯେ ଠିକ୍ ସେହି ସମୟରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ମଧ୍ୟ ପହଂଚିଲେ ଏବଂ ସେ କହିଲେ ଯେ, ମୋ ପାଖରେ ଉକ୍ତ ସମସ୍ୟାର ଜ୍ଞାନଭିତିକ ସମାଧାନ ରହିଛି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କହିଲେ ଆପଣ ଲୋକମାନଙ୍କଠାରୁ ପରାମର୍ଶ ନେଇଛନ୍ତି ମୁଁ କହୁଛି ମୋ ପାଖରେ ଉକ୍ତ ସମସ୍ୟାର ଏହି ସମାଧାନ ରହିଛି ଯେ, ହଜୁର ସ:ଆ:ସଙ୍କୁ ମୁଁ ଏହି କଥା କହିବାର ଶୁଣିଛି ଯେ ଯେତେବେଳେ ତୁମେ କୌଣସି ସ୍ଥାନରେ ମହାମାରୀ ସଂକ୍ରାମକ ରୋଗର ପରିବ୍ୟାପ୍ତ ହେବାର ଖବର ଶୁଣ ତେବେ ସେଠାକୁ କଦାପି ଯାଅନାହିଁ ଏବଂ ତୁମେ ଯେଉଁଠି ବାସକର ଯଦି ସେଠାରେ କୌଣସି ରୋଗର ପାର୍ଦୁଭାବ ଘଟେ । ତେବେ ତୁମେ ସେଠାରୁ ପଳାୟନ କରିଯାଅନାହିଁ । ଅର୍ଥାତ ଯେଉଁ ସ୍ଥାନରେ ରୋଗ ବ୍ୟାପିଛି ସେହି ସ୍ଥାନକୁ ଯାଅ ନାହିଁ ଏବଂ ଯେଉଁ ସ୍ଥାନରେ ତୁମେ ରହିଛ ବା ବାସ କରୁଛ ସେଠାରେ ଯଦି କୌଣସି ସଂକ୍ରାମକ ରୋଗର ପାର୍ଦୁଭାବ ଘଟେ । ତେବେ ତୁମେ ସେହି ସ୍ଥାନରୁ ବାହାରକୁ ବାହାର ନାହିଁ ଏବଂ ନିଜକୁ ସେହି ସ୍ଥାନରେ ଆବଦ୍ଧ କରି ରଖ କାରଣ ସେହି ସଂକ୍ରାମକ ରୋଗ ଯେପରି ବାହାରକୁ ବାହାରି ଅନ୍ୟଲୋକମାନଙ୍କ ମଧ୍ୟରେ ପରିବ୍ୟାପ୍ତ ନ ହୋଇଯାଉ ।

ଆଜିକାଲି ପୃଥିବୀରେ ଯେଉଁ ଲକ୍‌ଡ଼ାଉନ୍ ଭଳି ପରିସ୍ଥିତି ଉପୁଜିଛି ଏବଂ ଲକ୍‌ଡ଼ାଉନ୍ ନିୟମକୁ ଲୋକମାନେ କଡ଼ାକଡ଼ି ରୂପେ ପାଳନ କରୁଛନ୍ତି ଯେଉଁ ଦେଶମାନେ ଯଥା ସମୟରେ ଲକ୍‌ଡ଼ାଉନ୍ ଲଗାଇଥିଲେ ସେହି ରାଷ୍ଟ୍ରମାନେ ଯଥା ସମ୍ଭବ ମୃତ୍ୟୁହାରକୁ ତଥା ରୋଗର ପ୍ରକୋପକୁ ସିମୀତ କରିବାରେ ସଫଳ ହୋଇଛନ୍ତି ଓ କାବୁ କରିନେଇଛନ୍ତି । କିନ୍ତୁ ଯେଉଁ ରାଷ୍ଟ୍ରରେ ଉକ୍ତ ନିୟମକୁ ପାଳନ କଲେ ନାହିଁ ଏବଂ ତାହାର ଉଲ୍ଲଘଂନ କଲେ ସେଠାରେ ଏହି ରୋଗ ଦ୍ରୁତବେଗରେ ବ୍ୟାପି ଚାଲିଛି । ସେ ଯାହା ହେଉ ନା କାହିଁକି ଏହା ହେଉଛି ପ୍ରାଥମିକ କେନ୍ଦ୍ରବିନ୍ଦୁ ଯାହାକୁ ହଜୁର ସ:ଆ:ସ ପ୍ରାରମ୍ଭରେ ହିଁ ନିଜ ସାହାବାମାନଙ୍କୁ କହିଥିଲେ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଅଲ୍ଲାଃ ତାଲାଙ୍କ ଗୁଣଗାନ କରି ସ୍ୱରାଜକୁ ଫେରିଗଲେ । ଅର୍ଥାତ ନିଜ ସୈନ୍ୟସାମନ୍ତକୁ ସାଥିରେ ନେଇ ପ୍ରତ୍ୟାବର୍ତନ କରି ଆସିଥିଲେ । ***(ସହି ବୁଖାରୀ........ ହଦିସ୍ ନଂ- ୫୭୨୯)***

ହଜ୍‌ରତ୍ ମିସ୍ୱର୍ ବିନ୍ ମଖ୍‌ରମା ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ଯେତେବେଳେ ସୁସ୍ଥ ଅବସ୍ଥାରେ ଥିଲେ ସେତେବେଳେ ତାଙ୍କୁ ନିବେଦନ କରାଗଲା ଯେ, ଆପଣ କାହାରିକୁ ଖଲିଫାରୁପେ ନିଯୁକ୍ତି କରିଦିଅନ୍ତୁ । କିନ୍ତୁ ଉମର୍ ର:ଅ ଏଥିରେ ସହମତି ପ୍ରକାଶ କରିନଥିଲେ । ପୁନଶ୍ଚ ଦିନେ ସେ ମଂଚ ଉପରେ ବିରାଜମାନ ଥିଲେ ଏବଂ କିଛି କଥା ଆଲୋଚନା କଲେ ଏବଂ କହିଲେ ଯଦି ମୁଁ ଏହି ଇହଧାମରୁ ବିଦାୟ ନିଏ ତେବେ ତୁମମାନଙ୍କ ପ୍ରସଙ୍ଗ ଏହି ଛଅଜଣ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ ରହିବ । ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହିଭଳି ଅବସ୍ଥାରେ ବିଦାୟ ଦେଇଛନ୍ତି ଯେତେବେଳେ କି ହଜୁର ସ:ଆ:ସ ସେମାନଙ୍କ ଉପରେ ପ୍ରସନ୍ନିତ ଥିଲେ । ସେମାନେ ହେଲେ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ଏହିପରି ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଏବଂ ହଜ୍‌ରତ୍ ସାଆଦ୍ ବିନ୍ ମାଲିକ୍ । ହଜ୍‌ରତ୍ ଉମର ର:ଅ କହିଲେ ସାବଧାନ ମୁଁ ତୁମମାନଙ୍କୁ ନ୍ୟାୟ କରିବାରେ ଅଲ୍ଲାଃ ତାଲାଙ୍କର ଧର୍ମନିଷ୍ଠତାକୁ ଅବଲମ୍ବନ କରିବାକୁ ଦୃଢ଼ତାର ସହ ଆଦେଶ ଦେଉଅଛି । ଅବୁ ଜାଫର୍ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ବିନ୍ ଖତାବ୍ ସୁରାର ପ୍ରତିନିଧିମାନଙ୍କୁ କହିଲେ ଯେ, ନିଜର ପ୍ରସଙ୍ଗରେ ପରସ୍ପର ମଧ୍ୟରେ ପରାମର୍ଶ କର ପୁଣି ଯଦି ଦୁଇ ଦୁଇ ରୁହ ଅର୍ଥାତ ଦୁଇ ଦୁଇଜଣ ଗୋଟିଏ ଗୋଟିଏ ପକ୍ଷରେ ହୋଇଯାଅ ତେବେ ପୁର୍ନବାର ପରାମର୍ଶ କର ଏବଂ ଯଦି ଅନ୍ୟ ଚାରିଜଣ ହୁଅନ୍ତି ତେବେ ସର୍ବସମତି ସଂଖ୍ୟାକମାନଙ୍କରେ ପରାମର୍ଶକୁ ଗ୍ରହଣ କର । ଜୈଦ୍ ବିନ୍ ଅସ୍‌ଲମ୍ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ କହିଲେ

ଯେ, ତିନି ତିନିଜଣଙ୍କ ମତ ଯଦି ଏକ ହୋଇଯାଏ ତେବେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଯେଉଁ ବ୍ୟକ୍ତି ପକ୍ଷରେ ମତପ୍ରକାଶ କରିବେ ସେହି ବ୍ୟକ୍ତି ହସ୍ତରେ ତୁମେମାନେ ବୟତ କରିନେବ ଏବଂ ତାଙ୍କ ଆଜ୍ଞାପାଳନ କରିବ ।

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ସଇଦ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଆହାତ ହେଲେ ସେତେବେଳେ ସେ କହିଲେ ସୁହୈବ୍ ତୁମମାନଙ୍କୁ ନମାଜ ପାଠ କରାଇବେ । ଅର୍ଥାତ ହଜ୍‌ରତ୍ ସୁହୈବ୍ ତୁମମାନଙ୍କ ନମାଜର ଇମାମ୍ ଦାୟିତ୍ୱ ବହନ କରିବେ ଏବଂ ଆପଣ ଏହି କଥାକୁ ତିନିଥର କହିଥିଲେ । ନିଜର ସେହି ପ୍ରସଙ୍ଗରେ ପରସ୍ପର ମଧ୍ୟରେ ପରାମର୍ଶ କର ଏବଂ ଏହି ପ୍ରସଙ୍ଗ ସେହି ଛଅଜଣ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କଲେ ଯେଉଁମାନେ ତୁମର ଆଦେଶ ପାଳନ କରିବାରେ ଅରାଜି ହେବ ଅର୍ଥାତ ତୁମର ପ୍ରତିବାଦ କରିବ ତେବେ ସେ ପରିପ୍ରେକ୍ଷୀରେ ତୁମେ ତାହାର ସ୍କନ୍ଦଚ୍ୟୁତ କରିଦେବ । ପରିବର୍ତୀ ସମୟରେ ଆବଶ୍ୟକ ସ୍ଥଳେ ଯେତେବେଳେ ଖିଲାଫତ୍‌ର ନିର୍ବାଚନ ହେବ ସେତେବେଳେ ସେହି ଛଅଜଣ ସୁରାର ପ୍ରତିନିଧିଙ୍କ ଅନୁଯାୟୀ ଅନୁଷ୍ଠିତ ହେବ । ଅର୍ଥାତ ନିର୍ବାଚନ ଅନୁଷ୍ଠିତ ହେବ । ସେ ପର୍ଯ୍ୟନ୍ତ ହଜ୍‌ରତ୍ ସୁହୈବ୍ ର:ଅ ନମାଜର ଇମାମତ୍ କରିବେ ।

ହଜ୍‌ରତ ଅନ୍‌ସ ବିନ୍ ମାଲିକ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ନିଜର ବିୟୋଗର କିଛି ସମୟ ପୂର୍ବରୁ ହଜ୍‌ରତ୍ ଅବୁ ତଲ୍‌ହା ର:ଅଙ୍କ ଆଡ଼କୁ ବାର୍ତାପଠାଇଲେ ଯେ, ହେ ଅବୁ ତଲ୍‌ହା ! ତୁମେ ନିଜ ଅନ୍‌ସାର ଜାତିଙ୍କ ମଧ୍ୟରୁ ୫୦ଜଣ ବ୍ୟକ୍ତିଙ୍କୁ ନେଇ ସୁରାଃର ସେହି ସଭ୍ୟବୃନ୍ଦଙ୍କ ପାଖକୁ ଚାଲିଯାଅ ଏବଂ ସେମାନଙ୍କୁ ତିନିଦିନ ପର୍ଯ୍ୟନ୍ତ ରୋକି ରଖ ଏପର୍ଯ୍ୟନ୍ତ କି ସେମାନେ ନିଜ ମଧ୍ୟରୁ ଜଣକୁ ଅମୀର ରୂପେ ନିର୍ବାଚିତ କରି ନ ନେଇଛନ୍ତି । ହେ ଅଲ୍ଲାଃ ତୁମ୍ଭେ ହିଁ ଏମାନଙ୍କ ଉପରେ ମୋର ଖଲିଫା ।

ଇସ୍‌ହାକ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବୁ ତଲ୍‌ହା ନିଜ ସାଥିମାନଙ୍କ ସହିତ କିଛି କ୍ଷଣ ହଜ୍‌ରତ୍ ଉମର୍ ର:ଅଙ୍କ କବର ପାଖରେ ଅଟକିଲେ ପୁନଶ୍ଚ ଏହାପରେ ସୁରାଃର ସଭ୍ୟବୃନ୍ଦଙ୍କ ସହିତ ରହିଥିଲେ । ପୁନଶ୍ଚ ଯେତେବେଳେ ସେ ନିଜର ପ୍ରସଙ୍ଗ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କୁ ହସ୍ତାନ୍ତର କଲେ, ସେତେବେଳେ ହଜ୍‌ରତ୍ ଅବୁ ତଲ୍‌ହା ନିଜର ସାଥିମାନଙ୍କ ସମେତ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ଘରର ଦ୍ୱାର ଦେଶରେ ସେତେବେଳେ ପର୍ଯ୍ୟନ୍ତ ଅଟକି ରହିଲେ, ଯେପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହସ୍ତରେ ବୟତ କରାଯାଇନଥିଲା ।

ହଜ୍‌ରତ୍ ସଲ୍‌ମା ବିନ୍ ଅବୁ ସଲ୍‌ମା ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ସର୍ବପ୍ରଥମେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବୟତ କରିଥିଲେ ପୁନଶ୍ଚ ଏହାପରେ ହଜ୍‌ରତ୍ ଅଲୀ ର:ଅ ବୟତ କରିଥିଲେ, ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱାଧିନ ପ୍ରାପ୍ତ ଦାସ ଉମର୍ ବିନ୍ ଉମ୍‌ରୋ ନିଜ ଦଦାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବୟତ ସର୍ବପ୍ରଥମେ କରିଥିଲେ । ପୁନଶ୍ଚ ଏହାପରେ ଜଣକ ପରେ ଜଣେ ସଭିଁଏ ତାଙ୍କର ବୟତ କରିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୪୪-୪୬........... ବେରୁତ ୧୯୯୦)***

ବୁଖାରୀର ଅନ୍ୟଏକ ବର୍ଣ୍ଣନା ରହିଛି ଯେ, ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ପ୍ରାରମ୍ଭରେ ନମାଜରେ ହିଁ ଅଲ୍ଲାଃ ହୁ ଅକ୍‌ବର କହିଲେ, ଓ ନମାଜ ପଢ଼ାଇବା ପାଇଁ ଛିଡ଼ା ହେଲେ । ସେତେବେଳେ ତାଙ୍କ ଉପରକୁ ମରଣାତ୍ମକ ଆକ୍ରମଣ ହୋଇଥିଲା । ତେବେ ଆହତବସ୍ଥାରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ହାତ ଧରି ଆଗକୁ ଟାଣି ଆଣିଥିଲେ । ଅର୍ଥାତ ନମାଜ ସମ୍ପନ୍ନ କରିବାପାଇଁ ତାଙ୍କୁ ଆଗକୁ ଟାଣି ଦେଇଥିଲେ ଏବଂ ନମାଜ୍‌ର ଇମାମତ୍ ତାଙ୍କଠାରେ ନ୍ୟସ୍ତ କରିଥିଲେ । ତେଣୁ ତାଙ୍କୁ ଆଗକୁ ଟାଣି ଆଣିଥିଲେ । ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ସଂକ୍ଷିପ୍ତ ନମାଜ ପାଠ କରି ନମାଜ ସମ୍ପନ୍ନ କରିଥିଲେ ।

***(ସହି ବୁଖାରୀ....... ହଦିସ୍ ୩୭୦୦)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍‌ର ନିର୍ବାଚନ ଅବସରରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ଭୁମିକା ସମ୍ପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, ଏ ସମ୍ପର୍କିତ ଦୁଇଟି ରିୱାୟତ ବର୍ଣ୍ଣିତ ରହିଛି ତନ୍ମଧରୁ ଗୋଟିଏ ସ୍ଥାନରେ କେବଳ ଏହି ଗୋଟିଏ ସ୍ଥାନରେ ପ୍ରାର୍ଥକ୍ୟ ରହିଛି ବାକି କଥା ତ ସମାନ ଭାବେ ବୃତାନ୍ତ ରହିଛି । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଆହତ ହୋଇଥିଲେ ଏବଂ ସେ ଏହା ଅନୁଭବ କଲେ ଯେ, ତାଙ୍କର ଶେଷ ସମୟ ଆସିଯାଇଛି ସେତେବେଳେ ସେ ଛଅଜଣ ବ୍ୟକ୍ତିଙ୍କ ସମ୍ପର୍କରେ ୱସିୟତ୍ କଲେ ଯେ, ସେମାନେ ନିଜ ମଧ୍ୟରୁ ଜଣକୁ ଖଲିଫାରୂପେ ନିର୍ବାଚିତ କରିନେବେ । ସେମାନେ ହେଲେ ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ, ହଜ୍‌ରତ୍ ସାଆଦ୍ ବିନ୍ ୱକାସ୍ ତତ୍‌ସହିତ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କୁ ମଧ୍ୟ ସେହି ପରାମର୍ଶରେ ସାମିଲ କରିବାପାଇଁ ନିଯୁକ୍ତ କରିଥିଲେ । କିନ୍ତୁ ଖିଲାଫତ୍‌ର ପ୍ରକୃତ ହକ୍‌ଦାର ରୂପେ ତାଙ୍କୁ ବିବେଚିତ କରିନଥିଲେ ଅର୍ଥାତ ସେ ଏହି ଆସନ ପାଇଁ ଉପଯୁକ୍ତ ନଥିଲେ ବୋଲି ଦର୍ଶଇଥିଲେ । ଏହି ସମସ୍ତ ଲୋକମାନେ ତିନିଦିନ ମଧ୍ୟରେ ଚୁଡ଼ାନ୍ତ ନିଷ୍ପତି କରିନେବେ ଏବଂ ତିନିଦିନ ପାଇଁ ହଜ୍‌ରତ୍ ସୁହୈବ୍ ର:ଅଙ୍କୁ ନମାଜର ଇମାମତ୍‌ର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରାମର୍ଶର ଦେଖାଶୁଣା କରିବାପାଇଁ ମିକ୍‌ଦାଦ୍ ବିନ୍ ଅସ୍ୱଦ୍ ର:ଅଙ୍କ ଉପରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ଏବଂ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସେ ଯାଇ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବେ ଯଦ୍ୱାରା ଉଚିତ ନିଷ୍ପତି ନିଆଯାଇପାରିବ ଏବଂ ସ୍ୱୟମ ଖଡ୍ଗ ଧରି ଦ୍ୱାର ଆଗରେ ପ୍ରହରୀର କର୍ତବ୍ୟ ନିର୍ବାହ କରିବେ ।

ବିଗତ ବର୍ଣ୍ଣନାରେ ହଜ୍‌ରତ୍ ତଲ୍‌ହା ର:ଅଙ୍କର ଚର୍ଚ୍ଚା ହୋଇଯାଇଛି କିନ୍ତୁ ସେ ବିଭିନ୍ନ ସ୍ଥାନରୁ ନିଜେ ଯେଉଁ ଫଳାଫଳରେ ଉପନୀତ ହେଲେ ତାହା ଏହି କି ଯେ, ଯେ ପର୍ଯ୍ୟନ୍ତ ଖଲିଫାଙ୍କ ନିର୍ବାଚନ ସରିନାହିଁ ସେ ପର୍ଯ୍ୟନ୍ତ ମିକ୍‌ଦାଦ୍ ବିନ୍ ଅସ୍ୱଦ୍ ର:ଅଙ୍କୁ ପ୍ରହରୀର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଯାହା ଉପରେ ଅଧିକ ସଂଖ୍ୟକ ମତ ସାବ୍ୟସ୍ତ ହୋଇ ସହମତି ପ୍ରକାଶ ପାଇବ ସେତେବେଳେ ସମସ୍ତେ ତାଙ୍କ ହସ୍ତରେ ବୟତ କରିନେବେ ବୋଲି ହଜୁର ୱସିୟତ୍ କରିଥିଲେ ଏବଂ ଯଦି କେହି ଅମାନ୍ୟ କରନ୍ତି ତେବେ ତାଙ୍କୁ ନିପାତିତ କରିଦିଆଯାଉ ବୋଲି ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଯଦି ଉଭୟ ପକ୍ଷରେ ତିନି ତିନିଜଣ ବ୍ୟକ୍ତି ହୋଇଯିବେ । ତେବେ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ଯାହାଙ୍କୁ ଖଲିଫା ରୂପେ ନିର୍ବାଚିତ କରିବେ ସେ ହିଁ ଖଲିଫା ହେବେ କିନ୍ତୁ ଯଦି ନିଷ୍ପତି ଉପରେ ସହମତି ପ୍ରକାଶ ନ କରନ୍ତି ତେବେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଯେଉଁ ବ୍ୟକ୍ତି ପକ୍ଷରେ ନିଜର ମତ ପ୍ରକାଶ କରିବେ ସେହି ବ୍ୟକ୍ତି ହିଁ ଖଲିଫା ହେବେ । ଯଦି ପାଂଚଜଣ ସାହାବାମାନେ ପରାମର୍ଶ କଲେ କାରଣ ତଲ୍‌ହା ର:ଅ ସେତେବେଳେ ମଦିନାରେ ଉପସ୍ଥିତ ନଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ଅନୁଯାୟୀ ହଜ୍‌ରତ୍ ତଲ୍‌ହା ମଦିନାରେ ଉପସ୍ଥିତ ନଥିଲେ କିନ୍ତୁ କୌଣସି ତାହାର ଫଳାଫଳ ଅର୍ଥାତ ସେହି ପାଂଚଜଣ ସାହାବାମାନେ ପରାମର୍ଶ କରିଥିଲେ ଯାହାର କି କୌଣସି ଫଳାଫଳ ବାହାରିନଥିଲା । ଦୀର୍ଘ ସମୟ ଧରି ତର୍କ ଚାଲିଲା କିନ୍ତୁ ଫଳଶୂନ୍ୟ ରହିଲା । ଦୀର୍ଘ ସମୟର ତର୍କ ପରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କହିଲେ ଆଚ୍ଛା ଯେଉଁ ବ୍ୟକ୍ତି ନିଜର ନାମ ପ୍ରତ୍ୟାହାର କରିନେବାକୁ ଚାହୁଁଛନ୍ତି ସେ କୁହନ୍ତୁ, ଯେତେବେଳେ ସମସ୍ତେ ନିରବ ରହିଲେ, ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ପୁରୁଷମାନଙ୍କ ଜଲ୍‌ସାଗାଃରେ ବର୍ଣ୍ଣନା କରାଯାଉଅଛି ଏବଂ ସାଧାରଣତଃ ଭାଷଣଗୁଡ଼ିକରେ ବର୍ଣ୍ଣନା କରାଯାଉଅଛି ତେବେ ଅଲଗା ସ୍ୱତନ୍ତ୍ର ଭାବେ ଲଜ୍‌ନାମାନଙ୍କୁ ଯେଉଁ ସମ୍ବୋଧନ କରାଯାଉଅଛି ତାହାର କୌଣସି ଲାଭ ହେବନାହିଁ । କିନ୍ତୁ ସେ ଯାହା ହେଉ, ଏକଥା ମଧ୍ୟ ଠିକ୍ ଯେ, ଯଦି କାହାକୁ ପ୍ରତ୍ୟେକ୍ଷରୂପେ ସମ୍ବୋଧନ କରାଯାଏ ତେବେ ତାହାର ପ୍ରଭାବ ଅଧିକ ପଡ଼ିଥାଏ । ସେଥିଯୋଗୁଁ ଖଲିଫାମାନଙ୍କର ଏହି ଶୈଳୀ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ବେଳେବେଳେ ବରଂ ଅଧିକାଂଶ ଏହିପରି ହୋଇଥାଏ ଯେ, ମହିଳାମାନଙ୍କୁ ଦିଆଯାଉଥିବା ଅଭିଭାଷଣଗୁଡ଼ିକରେ ମଧ୍ୟ କିଛି କଥା ଏପରି ବର୍ଣ୍ଣନା କରାଯାଇଥାଏ ଯାହା ପୁରୁଷମାନଙ୍କ ପାଇଁ ମଧ୍ୟ ଜରୁରୀ ହୋଇଥାଏ । କିନ୍ତୁ ଯେପରି କି ମୁଁ କହିଲି ମହିଳାମାନଙ୍କୁ ସିଧାସଳଖ ସମ୍ବୋଧନ କରିବାରେ ଲାଭ ହୋଇଥାଏ ଓ ଅଧିକାଂଶ ସମୟ ଏପରି ଲାଭ ହୋଇଥାଏ ଯେ, ଯଦି ସେହି କଥାଗୁଡ଼ିକ ପୁରୁଷମାନଙ୍କ ଉପରେ ପ୍ରଭାବ ପଡ଼ିନଥାଏ ତେବେ ଅତିକମ୍‌ରେ ମହିଳାମାନଙ୍କ ଉପରେ ତ ପ୍ରଭାବ ପଡ଼ିଥାଏ । କେହି ନା କେହି ତ ଘରେ ଏପରି ବ୍ୟକ୍ତି ଥିବେ ଯିଏ ଏହି କଥାଗୁଡ଼ିକୁ ଶୁଣି ତା'ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରୁଥିବେ ଏବଂ ଦେଖିବାକୁ ଏହା ମିଳିଛି ଯେ, ଅଧିକାଂଶ ସ୍ଥାନରେ ମହିଳାମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ । ତେଣୁ ଆମେ କଦାପି ଏକଥା କହିପାରିବୁ ନାହିଁ ଯେ, ମହିଳାମାନଙ୍କୁ ଯାଇ ଅଲଗା ସମ୍ବୋଧନ କରିବା ହେଉଛି ସମୟକୁ ନଷ୍ଟ କରିବା ଏବଂ ଲାଭହୀନ । ଯେମିତିକି ମୁଁ କହିସାରିଛି ଅଧିକାଂଶ ସମୟ ଏକଥା ଦେଖିବାକୁ ମିଳୁଛି ଯେ, ମହିଳାମାନଙ୍କୁ ସିଧାସଳଖ ପ୍ରତ୍ୟେକ୍ଷରୂପେ ଯେଉଁ ସମ୍ବୋଧନ କରାଯାଉଅଛି ତାହା ସେମାନଙ୍କ ଉପରେ ନା କେବଳ ପ୍ରଭାବ ପକାଉଛି ବରଂ ଅସାଧାରଣ ସକାରାତ୍ମକ ପରିବର୍ତନ ସେମାନଙ୍କଠାରେ ସୃଷ୍ଟି ହେଉଅଛି । ପୁଣି ପ୍ରତ୍ୟେକ୍ଷଭାବେ ସମ୍ବୋଧନ କରିବାର ଏହା ମଧ୍ୟ ଗୋଟିଏ ଲାଭ ତେଣୁ ଏହା ମଧ୍ୟ ଜରୁରୀ ଅଟେ ଯେ, ମହିଳାମାନଙ୍କ କୋଳରେ ଥିବା ନୂତନ ପୀଢ଼ୀର ଏହା ଦ୍ୱାରା ତରବିୟତ ହେଉଛି ଓ ଏହି ତରବିୟତ କରିବାରେ ମାଆମାନଙ୍କର ବହୁତ ବଡ଼ ହାତ ରହିଛି । ଯେତେବେଳେ ସିଧାସଳଖ ମହିଳାମାନଙ୍କୁ ସମ୍ବୋଧନ କରାଯାଇଥାଏ ସେତେବେଳେ ସେମାନେ ନିଜ ନିଜର ଦାୟିତ୍ୱ ସମ୍ବନ୍ଧରେ ପୂର୍ବାପେକ୍ଷା ଅଧିକ ଯତ୍ନବାନ ହୋଇଥାନ୍ତି । ହଁ ଏମିତି କେତେକ ହଟ ପ୍ରକୃତିର ମାଆମାନେ ମଧ୍ୟ ଅଛନ୍ତି ଓ ମହିଳାମାନେ ଅଛନ୍ତି ଯେଉଁମାନେ ଏକଥାକୁ କିଛି ପରବାୟ କରନ୍ତିନାହିଁ ଓ ସେମାନେ ଏକଥା କହିଥାନ୍ତି ଯେ, ସେହି ପୁରୁଣା କଥାକୁ ତ ପୁର୍ନାବୃତି କରିବା ଆଉ କଣ । ଏହି ମୁଖବନ୍ଧ ମୁଁ ଏଥିଯୋଗୁଁ ଉପସ୍ଥାପନ କରୁଅଛି ଯେ, ବର୍ତମାନ ମୁଁ ସଂକ୍ଷିପ୍ତରେ କିଛି କଥା ଏଠାରେ ଉପସ୍ଥାପନ କରିବି ସେଗୁଡ଼ିକୁ ଧ୍ୟାନ ଦେଇ ଶୁଣନ୍ତୁ ଏବଂ ତା'ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରନ୍ତୁ । କେବଳ ଏତିକି ନ ହେଉ ଯେ, ମୁଁ ଏଠାକୁ ଆସିଲି ଭାଷଣ ଦେଲି ଆପଣମାନେ ଶୁଣିଲେ ଓ ପୁଣି ନିଜ ନିଜର ଘରକୁ ଚାଲିଗଲେ । ଏବଂ ପୁଣି ନିତିଦିନିଆ କାର୍ଯ୍ୟ ଆରମ୍ଭ ହୋଇଗଲା । ନା' ଧର୍ମ ନା' ତା ଉପରେ କୌଣସି ଚିନ୍ତା ରହିଲା । ସେ ଯାହା ହେଉ ନା କାହିଁକି ଯେଉଁ ଲୋକମାନେ ଏକଥା କହୁଛନ୍ତି ଯେ, ସେହି ପୁରୁଣା କଥାର ପୁର୍ନାବୃତି କରାଯାଉଅଛି ବୋଲି ସେମାନଙ୍କୁ ସର୍ବଦା ଏକଥା ମନେରଖିବା ଉଚିତ ଯେ, ପବିତ୍ର କୋରାନ୍, ହଦୀସ୍, ରସୁଲେ କରିମ୍ ସ:ଆ:ସଙ୍କ ସୁନ୍ନତ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ଓ ଉପଦେଶାବଳୀ, ରସୁଲଙ୍କ ଆଦର୍ଶ ଏବଂ ଉପଦେଶାବଳୀଗୁଡ଼ିକ ମଧ୍ୟ କେବେ ହେଲେ ପୁରୁଣା କଥା ହୋଇନଥାଏ । ବରଂ ପ୍ରତିକ୍ଷଣ ତାହା ଏକ ନୂଆ ଦୃଷ୍ଟିକୋଣ ସହିତ ଧର୍ମ ଜ୍ଞାନକୁ ସୃଷ୍ଟି କରିଥାଏ ଓ ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିବାରେ ସହାୟକ ହୋଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ମୁଁ ଏକଥା ସ୍ପଷ୍ଟ କରିଦେଉଅଛି ଯେ, ଏକଥା ନ ବୁଝାଯାଉ କି ଏହି ସମସ୍ତ ଦୋଷଦୁର୍ବଳତା କେବଳ ମହିଳାମାନଙ୍କ ନିକଟରେ ରହିଛି ସେଥିଯୋଗୁଁ ମୁଁ ଏକଥା ମହିଳାମାନଙ୍କୁ କହୁଅଛି । ଯେବେ କି ପୁରୁଷମାନଙ୍କଠାରେ ଏହି ଦୋଷଦୁର୍ବଳତା କାଳେ ମହିଳାମାନଙ୍କଠାରୁ ଅଧିକା ହୋଇଥିବ ଓ ଅଧିକାଂଶ ସ୍ଥାନରେ ଏହି ଦୋଷଦୁର୍ବଳତା ପୁରୁଷମାନଙ୍କଠାରେ ମଧ୍ୟ ଦେଖିବାକୁ ମିଳୁଅଛି । ଅତଏବ ପୁରୁଷମାନଙ୍କୁ ମଧ୍ୟ ଏକଥା ଶୁଣି ନିଜ ନିଜର ସମୀକ୍ଷା କରିବା ଉଚିତ ଯଦ୍ୱାରା ଘରେ ଯାଇ କେବଳ ମହିଳମାନଙ୍କୁ ଏକଥା ନ କୁହନ୍ତୁ ଯେ, ତୁମମାନଙ୍କ ମଧ୍ୟରେ ଏହି ସମସ୍ତ ଦୋଷଦୁର୍ବଳତା ଥିଲା ତେଣୁ ତୁମକୁ ଏକଥା କୁହାଯାଇଅଛି । ବରଂ ମତେ ଏଠାରେ ଏକ ମୌକା ମିଳିଅଛି ମୁଁ ଏଠାରୁ ଦୁଇଜଣଙ୍କୁ ସମ୍ବୋଧନ କରିବି ତେଣୁ ମୁଁ ଏହା ଏଠାରେ ବର୍ଣ୍ଣନା କରୁଅଛି । ଅତଏବ ପୁରୁଷମାନଙ୍କୁ ନିଜ ନିଜର ସମୀକ୍ଷା ଓ ଅନୁଶୀଳନ କରି ରଖିବା ଉଚିତ । ମୁଁ ଯେତେ ଉପଦେଶ ପୁରୁଷମାନଙ୍କୁ ଦେଉଅଛି ଯଦି ଆମ ପୁରୁଷମାନଙ୍କ ମଧ୍ୟରୁ ଅଧିକାଂଶ ତାହା ଉପରେ ପରିଚାଳିତ ହେବେ ହୋଇଯିବେ, ମହିଳାମାନେ ସେମାନଙ୍କର କାର୍ଯ୍ୟ ନମୁନାକୁ ଦେଖି ଆପେ ଆପେ ନିଜକୁ ସୁଧାରିନେବେ ଓ ସେମାନଙ୍କ ମଧ୍ୟରେ ପରିବର୍ତନ ସୃଷ୍ଟି ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ବର୍ତମାନ ଏଠାରେ ରହୁଥିବା ଅଧିକାଂଶ ଅହେମଦୀ ଏପରି ଅଛନ୍ତି ଯେଉଁମାନେ ପରିସ୍ଥିତି ଅନୁସାରେ ଓ ବିଶେଷରୂପେ ସେମାନଙ୍କର ଧାର୍ମିୟ ଭାବନା ଯୋଗୁଁ ପାକିସ୍ତାନରୁ ହିଜ୍‌ରତ୍ କରି ଏଠାକୁ ଆସିଛନ୍ତି । ଯଦି ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ଏଠାକୁ ଆସିଛନ୍ତି ତେବେ ତାହା ଅଳ୍ପକିଛି ଶିକ୍ଷିତ ଲୋକମାନେ ହିଁ ଅଛନ୍ତି । ସେମାନଙ୍କ ବ୍ୟତିତ ଅଧିକାଂଶ ଲୋକେ ଏଠାରେ ସରକାରଙ୍କୁ ନିଜ ହିଜ୍‌ରତ୍ କରିବାର ଉଦ୍ଦେଶ୍ୟ ଏହା ବତାଇଛନ୍ତି ଯେ, ପାକିସ୍ତାନରେ ଅହେମଦୀମାନଙ୍କ ପାଇଁ କୌଣସି ଧର୍ମିୟ ସ୍ୱାଧିନତା ନାହିଁ, ତେଣୁ ସେଠାରୁ ଆମେ ଚାଲିଆସିଛୁ । ଏଠିକାର ସରକାର ଆପଣମାନଙ୍କୁ ଆଜାଇଲନ୍ ଦେଇଛି ଏବଂ ସ୍ୱାଧିନ ଭାବେ ନିଜ ଧର୍ମ ଉପରେ ପରିଚାଳିତ ହେବାପାଇଁ ଅବସର ଦେଇଛି । ତେଣୁ ଏ ପ୍ରସଙ୍ଗରେ ଆମକୁ ସର୍ବଦା ଦୁଇଟି କଥା ମନେ ରଖିବା ଉଚିତ । ପ୍ରଥମ କଥା ହେଉଛି ଏହା ଯେ, ଏହି ଦେଶଗୁଡ଼ିକରେ ଚାଲିଥିବା ସରକାରଙ୍କର କୃତଜ୍ଞ ହେବା ଯେଉଁମାନେ ଆପଣମାନଙ୍କ ଧର୍ମିୟ ଅଧିକାରକୁ କାଏମ୍ କରି ଧର୍ମିୟ ସ୍ୱାଧିନତା ଦେଇଛନ୍ତି । ଫଳତଃ ଆମେ ଏଠାରେ ସ୍ୱାଧିନଭାବେ ନମାଜ ପଢ଼ିବା ସଙ୍ଗେ ସଙ୍ଗେ ତବ୍‌ଲିଗ୍ ମଧ୍ୟ କରିପାରିବା । ତେଣୁ ଏହି ଦେଶର ଉନ୍ନତି ନିମନ୍ତେ କୃତଜ୍ଞତା ଜ୍ଞାପନ କରିବାପାଇଁ ଆମକୁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ ହେବ ଯେ, କିଭଳି ଆମେ ଏହି ଦେଶଗୁଡ଼ିକୁ ଲାଭ ପହଂଚାଇ ପାରିବା ଏବଂ ସବୁଠାରୁ ବଡ଼ ଲାଭ ଯାହା ଆମେ ସେମାନଙ୍କୁ ପଂହଚାଇ ପାରିବା ତାହା ହେଉଛି ଏହା କି, ସେମାନଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସହିତ ପରିଚିତ କରାନ୍ତୁ, ତବ୍‌ଲିଗ୍ କରନ୍ତୁ । ଏହା ଭୁଲ୍ ଭାବନା ଯେ, ମହିଳାମାନଙ୍କୁ ତବ୍‌ଲିଗ୍ କରିବାର ମୌକା ମିଳୁନାହିଁ । ମିଳୁଅଛି ଓ ବହୁତ ମିଳୁଅଛି ତେଣୁ ଏଥିଯୋଗୁଁ ପ୍ରୋଗ୍ରାମ ବନାଇବା ଉଚିତ । ଅତଏବ କୃତଜ୍ଞତା ଜ୍ଞାପନ କରିବାର ଗୋଟିଏ ଶୈଳୀ ହେଉଛି ଏହା ଯେ, ସେମାନଙ୍କୁ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା ପହଂଚାଇ ଦିଆଯାଉ । ଯଦ୍ୱାରା କିଛି ମୁସଲମାନ ମାନଙ୍କର ଭୁଲ୍ କାର୍ଯ୍ୟକଳାପ ଯୋଗୁଁ ବିନା କାରଣରେ ଇସ୍‌ଲାମ୍‌କୁ ବିରୋଧ କରାଯାଉଅଛି ଏବଂ ସେଥିଯୋଗୁଁ ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ନାମକୁ ମଧ୍ୟ ବଦନାମ କରାଯାଉଅଛି । ତେଣୁ ଏହାକୁ ଆମେ ଦୂର କରିବା ଉଚିତ ।

ଦ୍ୱିତୀୟ କଥା ହେଉଛି ଏହା କି, ଯେହେତୁ ଆମକୁ ଧର୍ମ ଆଧାରରେ ଏଠାରେ ରହିବାପାଇଁ ଅନୁମତି ମିଳୁଅଛି ତେଣୁ ଆମେ ନିଜର ଧର୍ମଗତ, ଚାରିତ୍ରିକ ଏବଂ ଆଧାତ୍ମିକ ଅବସ୍ଥାକୁ ଇସଲାମୀୟ ଶିକ୍ଷା ମୁତାବକ ପରିଚାଳିତ ହେବାପାଇଁ ଚେଷ୍ଟା କରିବା ଉଚିତ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ଯେଉଁ ଅପେକ୍ଷା କରିଛନ୍ତି ଆମେ ତା' ଉପରେ ସମ୍ପୂର୍ଣ୍ଣରୂପେ ପରିଚାଳିତ ହେବାପାଇଁ ଚେଷ୍ଟା କରିବା । ହଜ୍‌ରତ୍ ମସିହ ମଉଦ୍ ଆ:ସ ଆମଠାରୁ କଣ ଚାହୁଁଛନ୍ତି ତାହା ପ୍ରତ୍ୟେକ ପୁରୁଷ ଓ ମହିଳାମାନଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସର୍ବଦା ମନେରଖିବା ଉଚିତ ଯେ, ଆମେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ମସିହ ଓ ମେହେଦୀ ରୂପେ ମାନିଅଛେ ତେଣୁ ସେଥିଯୋଗୁଁ ଅଲ୍ଲାଃ ତାଲା ଆମକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏହାର ଭବିଷ୍ୟବାଣୀ କରି ଏ ନିର୍ଦ୍ଦେଶ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହଦାଦାର୍ ଯେକୌଣସି ସ୍ତରର ଓ୍ୱହଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଦେଇଥିଲେ ଯେ, ଶେଷ ଯୁଗରେ ଯେତେବେଳେ ମସିହ ଓ ମେହେଦୀ ଦାବି କରିବ ସେତେବେଳେ ତାଙ୍କୁ ମାନିନେବ, ତାଙ୍କୁ ଗ୍ରହଣ କରିନେବ, ତା ଯମାତ୍‌ରେ ସାମିଲ ହୋଇଯିବ ବରଂ ଏ କଥା ମଧ୍ୟ କହିଛନ୍ତି ଯେ ତାଙ୍କୁ ମୋର ସଲାମ୍ ପହଂଚାଇବ । ଏଥିଯୋଗୁଁ କି ଆସିବାକୁ ଥିବା ମସିହ ଓ ମେହେଦୀ ଇସ୍‌ଲାମିୟ ଶିକ୍ଷା ,ଏବଂ ମୁହମ୍ମଦ ସ:ଆ:ସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଧର୍ମର ପୂର୍ନବିନ୍ୟାଶ କରିବାପାଇଁ ଆସିବେ । ଇସ୍‌ଲାମ୍‌ର ସୌନ୍ଦର୍ଯ୍ୟ ଯାହାକୁ କେତେକ ସ୍ୱାର୍ଥବାଦି ଓ୍ୱଲେମାମାନେ ଦାଗ ଲଗାଇ ଚାଲିଛନ୍ତି ମସିହ ମଉଦ ସେହି ସୌନ୍ଦର୍ଯ୍ୟକୁ ପୁଣି ଉପସ୍ଥାପନ କରିବାକୁ ଆସିବେ ସେଥିଯୋଗୁଁ ତାଙ୍କୁ ମାନିନେବ ଫଳତଃ ଇସ୍‌ଲାମ୍‌ର ସଠିକ୍ ଶିକ୍ଷା ବିଷୟରେ ତୁମେ ଅବଗତ ହେବ । ମସିହ ମଉଦଙ୍କ ଆଗମନ ଦ୍ୱାରା ଇସ୍‌ଲାମ୍‌ର ଦ୍ୱିତୀୟ ଯୁଗର ଶୁଭାରମ୍ଭ ହେବ । ଇସ୍‌ଲାମ୍‌ର ଯେଉଁ ସୁନ୍ଦର ଓ ପବିତ୍ର ଶିକ୍ଷାକୁ ପୀର, ଫକୀର ଏବଂ କଥାକଥିତ ଓ୍ୱଲେମାମାନେ ଭାଙ୍ଗିରୁଜି ଦେଇ ନିଜ ଇଚ୍ଛା ମୁତାବକ ଉପସ୍ଥାପନ କରିବାରେ ତାହାର ପ୍ରକୃତ ଛବିକୁ ଅଲ୍ଲାଃ ତାଲାଙ୍କ ବିଶେଷ ମାର୍ଗଦର୍ଶନ ଦ୍ୱାରା ଏ ପୃଥିବୀ ସମ୍ମୁଖରେ ମସିହ ମଉଦ୍ ପ୍ରକାଶ କରିବେ ତେଣୁ ମସିହ ମଉଦଙ୍କୁ ଗ୍ରହଣ କରିନେବ ଏବଂ ତାହାଙ୍କ ଉପଦେଶ ଓ ବାଣୀ ଉପରେ ପରିଚାଳିତ ହେବା କୌଣସି ସାଧାରଣ କଥା ନୁହେଁ ବରଂ ଏହା ହେଉଛି ବାସ୍ତବିକ ଇସ୍‌ଲାମ୍ । ଏହି ଦୃଷ୍ଟିକୋଣରୁ ଆମେ ସମସ୍ତେ ସେହି କଥାଗୁଡ଼ିକ ଉପରେ ଚିନ୍ତନ ଓ ମନନ କରିବା ଉଚିତ ଓ ତା'ଉପରେ ପରିଚାଳିତ ହେବା ଉଚିତ ନଚେତ ହଜ୍‌ରତ୍ ମସିହ ମଉଦ୍‌ଙ୍କ ବୟତରେ ଆସିବା ଏକ ଫମ୍ପା ଦାବି ହେବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ବହୁତ ସ୍ପଷ୍ଟଭାବେ ଏକଥା କହିଛନ୍ତି ଯେ. ମୁଁ ତ୍ରେଛି ହକମ୍ ଏବଂ ଅଦଲ୍ ଅର୍ଥାତ ନ୍ୟାୟ ଓ ନିଷ୍ପତିକାରୀ ତେଣୁ ଯଦି ତୁମେମାନେ ମୋ ହାତରେ ବୟତ କରି ଏବଂ ଅଲ୍ଲାଃ ତାଲାଙ୍କ ତରଫରୁ ଆସିଥିବା ଜାଣି ମୋ କଥାଉପରେ ପରିଚାଳିତ ହେଉନାହଁ ଅର୍ଥାତ ମୁଁ ଯେଉଁ ନିଷ୍ପତି କରୁଅଛି ଯେଉଁ ଉପଦେଶାବଳୀ ଦେଉଅଛି ତାହା ଉପରେ ପରିଚାଳିତ ହେଉନାହଁ ତେବେ ପୁଣି ନିଜ ନିଜର ଇମାନ୍ ବିଷୟରେ ଚିନ୍ତା କର ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଆମକୁ ବହୁତ ଚିନ୍ତା କରିବା ଉଚିତ ଯେ, ଗୋଟିଏ ପଟେ ତ ଆମେ ନିଜ ଦେଶକୁ ଛାଡ଼ି ଏ ଦେଶକୁ ଆସିଅଛୁ କାରଣ ଆମକୁ ନିଜ ଦେଶରେ ଆମ ବିଶ୍ୱାସ ମୁତାବକ ପରିଚାଳିତ ହେବାପାଇଁ ରୋକା ଯାଉଥିଲା । ତେଣୁ ଆମେ ଏଠାକୁ ଆସି ଯଦି ଏକଥାକୁ ଭୁଲିଯିବା ଯେ, ଯାହା ଉପରେ ଇମାନ୍ ଆଣିବା ଯୋଗୁଁ ଆମେ ହିଜ୍‌ରତ୍ କଲୁ, ଆମେ ତା କଥାଗୁଡ଼ିକ ଉପରେ ଯଦି ଧ୍ୟାନ ନ ଦେବା ଓ ଏ ସଂସାରର ରଙ୍ଗିନ ଦୃଶ୍ୟପଟକୁ ଦେଖି ଆମେ ତାଙ୍କୁ ଭୁଲିଯିବା ତେବେ ଆମ ଇମାନ୍‌ର ଅବସ୍ଥା କଣ ହେବ ? ଆମେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଯେଉଁ ସଚ୍ଚାପ୍ରେମୀକୁ ମାନିଅଛେ ଏବଂ ଯାହାଙ୍କ ହାତରେ ବୟତ କରି ଆମେ ଏ ଶପଥ କରିଛେ ଯେ, ଆମେ ଆସିଥିବା ମସିହଙ୍କ ହାତରେ ବୟତ କରି ଧର୍ମକୁ ଜୀବିତ କରିବୁ ଓ ଏ ଧର୍ମକୁ ପୁର୍ନବାର ଜିବୀତ କରିବାପାଇଁ ଭରପୁର ପ୍ରଚେଷ୍ଟା କରିବୁ, ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିବୁ ଏବଂ ଖୁଦାତାଲାଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିବୁ । କିନ୍ତୁ ଏଠାକୁ ଆସି ଆମେ କେବଳ ଏକଥାକୁ

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>(ଖୁତ୍‌ବା ଜୁମା ପ୍ରଦତ୍ତ ୧୭ ମଇ ୨୦୧୯) |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ ।''<br>(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ୨୦୧୭) |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଦେଖିବାନାହିଁ ଯେ, ଆମେ କିଭଳି ଅଧିକରୁ ଅଧିକ ଧନ ଉପାର୍ଜନ କରିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମକୁ ହଜ୍‌ରତ୍ ମସିହ ମଉଦ୍ ଆ:ସ ଯେଉଁକଥା ପ୍ରତି ବାରମ୍ବାର ଉପଦେଶ ଦେଇଛନ୍ତି ତାହା ହେଉଛି ଏହା କି, ଆମେ ତାଙ୍କ ବୟତ କରିବାପରେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଅଧିକ ଧ୍ୟାନ ଦେବା କେବଳ ଲୋକ ଦେଖାଣିଆ ନୁହେଁ ବରଂ ପ୍ରକୃତରେ ଧ୍ୟାନ ଦେବା । କାଲି ଖୁତ୍‌ବାରେ ମୁଁ ମଧ୍ୟ ଏକଥା କହିଥିଲି ଯେ, କିଭଳି ଆମେ ଅଲ୍ଲାଃ ତାଲାଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିପାରିବା ଓ ତାହା ସହିତ ପ୍ରେମଭାବ କାଏମ କରିପାରିବା । ଏହା କେବଳ ନମାଜ ଦ୍ୱାରା ହିଁ ସମ୍ଭବ ତେଣୁ ନିଜ ନମାଜକୁ ଉଚିତ ସମୟରେ ହିଁ ପାଠ କର ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ହଜ୍‌ରତ୍ ମସିହ ମଉଦ ଆ:ସ ମଧ୍ୟ ଏକଥାକୁ ଜୋର୍ ଦେଇଛନ୍ତି ଯେ ନିଜ ନମାଜକୁ ଉଚିତ ସମୟରେ ପାଠକର । ଇସ୍‌ତିଗ୍‌ଫାର୍ କରିବାପ୍ରତି ଧ୍ୟାନ ଦିଅ । ଇସ୍‌ତିଗ୍‌ଫାର୍ କରିବାଦ୍ୱାରା ମଣିଷ ବହୁତ ଗୁଡ଼ିଏ ଭୁଲ୍ ଓ ମନ୍ଦ ଇଚ୍ଛାରୁ ନିବୃତ ରହିଥାଏ । ତେଣୁ ଏଥପ୍ରତି ଧ୍ୟାନ ଦେବାର ଆବଶ୍ୟକ ରହିଛି । ହଜ୍‌ରତ ମସିହ ମଉଦ୍ ଆ:ସ କହିଛନ୍ତି ଯେ, ଇସ୍‌ତିଗଫାର କରିଚାଲ ଏବଂ ମୃତ୍ୟୁକୁ ମନେ ରଖ । ସର୍ବଦା ଅଲ୍ଲାଃ ତାଲାଙ୍କଠାରୁ ପୁରସ୍କାର ମାଗ ଓ ମନେରଖ ଯେ, ମୃତ୍ୟୁ ଅବଶ୍ୟ ହେବ । ଦିନେ ନା ଦିନେ ତାହା ଆସିବ । ଯେତେବେଳେ ମଣିଷ ମୃତ୍ୟୁକୁ ମନେରଖେ ସେତେବେଳେ ଖୁଦାତାଲାଙ୍କ ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ । ଏକଥା ଅନୁଭବ ହୋଇଥାଏ ଯେ, ଏ ଯେଉଁ ଦୁନିଆ କେବଳ ଅଳ୍ପକିଛି ଦିନର ଦୁନିଆ ଅଟେ ଏହା ଆମ ଜୀବନର ଉଦ୍ଦେଶ୍ୟ ନୁହେଁ ବରଂ ମୃତ୍ୟୁପରେ ଯେଉଁ ଜୀବନ ମିଳିବ ତାହା ହିଁ ହେଉଛି ଅସଲ ଜୀବନ । ଯେତେବେଳେ ଏହାର ବାସ୍ତବିକତା ଆମକୁ ଜଣାପଡ଼ିଯିବ ଓ ଆମ ହୃଦୟରେ ଏହାର ଅନୁଭବ ସୃଷ୍ଟି ହେବ ସେତେବେଳେ ପୁଣି ଏହି ସାଂସାରିକ ଜିନିଷଗୁଡ଼ିକ ପ୍ରାପ୍ତ କରିବାପାଇଁ ଆମେ ପ୍ରତିକ୍ଷଣ ଯେଉଁ ଚେଷ୍ଟା କରୁଅଛେ ତାହା ହେବ ନାହିଁ । ଏକଥା ପ୍ରତି ଧ୍ୟାନ ଆକର୍ଷଣ ହେବନାହିଁ ଯେ, ଅମୁକ ମହିଳାର ଗହଣାଗାଣ୍ଠି ଗୁଡ଼ିକ କେତେ ସୁନ୍ଦର ଓ ମୁଁ ବି ସେହିଭଳି ବନାଇବି । ଅମୁକ ମହିଳାର ଘର ବହୁତ ବଡ଼ ତେଣୁ ଆମକୁ ମଧ୍ୟ ସେହିଭଳି ଘର କରିବା ଉଚିତ ଓ ଏଥିସକାଶେ ସ୍ୱାମୀକୁ ସବୁ ସମୟରେ ଚାପରେ ରଖାଯାଉ ବା ସ୍ୱାମୀ ମଧ୍ୟ ଏହି ଲୋଭ ପଛରେ ପଡ଼ିରହୁ ବା ଅମୁକ ଲୋକ ଅମୁକ ମହିଳାଙ୍କଠାରେ ବିଶେଷରୂପେ ଫ୍ୟାସନ ବିଷୟରେ ବାର୍ତାଳାପ ହୋଇଥାଏ ଯେ, ଅମୁକ ଲୋକଟି ବହୁତ ଭଲ ଫ୍ୟାସନର କପଡ଼ା ପିନ୍ଧିଛି ତେଣୁ ମୁଁ ମଧ୍ୟ ସେହିଭଳି କପଡ଼ା ନେବି । ଏଠାକୁ ଆସିବାପରେ ଯେଉଁ ଟଙ୍କା ମିଳୁଅଛି ସେଥିରେ ପାକିସ୍ତାନ ଡ଼ିଜାଇନ୍‌ର ପୋଷାକ ତିଆରି କରିବାପାଇଁ ମନଭିତରେ ଆଗ୍ରହ ସୃଷ୍ଟି ହୋଇଯାଉଅଛି । ଯେବେ କି ସେହି କପଡ଼ା ଶସ୍ତାରେ ମଧ୍ୟ ମିଳୁଯାଉଅଛି । ତାହାକୁ କିଣିବାକୁ ସାମର୍ଥ୍ୟ ଥାଉ କି ନଥାଉ । ଏକଥା ଉପରେ ଜୋର୍ ଦିଆଯାଉଅଛି ଯେ ଆମକୁ ତ ନୂଆ ଫ୍ୟାସନର କପଡ଼ା ପିନ୍ଧିବାକୁ ହେବ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଶ୍ଚିତରୂପେ ପିନ୍ଧନ୍ତୁ କିନ୍ତୁ ନିଜ ସାମର୍ଥ୍ୟ ଭିତରେ ହିଁ ରହି ପିନ୍ଧିବା ଉଚିତ । ଜଣେ ମୁମିନ୍‌ର ଏକାର୍ଯ୍ୟ ନୁହେଁ ଯେ, ଏ ସାଂସାରିକ ବସ୍ତୁଗୁଡ଼ିକ ଉପରେ ନଜର ରଖୁ ହଁ ଅଲ୍ଲାଃ ତାଲାଙ୍କର ଯେଉଁସବୁ ପୁରସ୍କାର ରହିଛି ସେଥିରୁ ଯଦି କିଛି ଲାଭ ମିଳୁଛି ତେବେ ସେଥିରୁ ଫାଇଦା ଉଠାଇବା ଉଚିତ । କିନ୍ତୁ ଏହା ନୁହେଁ ଯେ, ଏହାକୁ ପ୍ରାପ୍ତ କରିବାପାଇଁ ଘରମାନଙ୍କରେ ବିଭ୍ରାଟ ସୃଷ୍ଟି କରାଯାଉ । ହଁ ଯଦି ମୁକାବିଲା କରିବାର ଅଛି, ମୁକାବିଲା କରିବା ଭଲ କଥା, ମୁକାବିଲା କରନ୍ତୁ କିନ୍ତୁ ଯଦି ମୁକାବିଲା କରିବାକୁ ଚାହୁଁଛ ତେବେ ଅଲ୍ଲାଃ ତାଲାଙ୍କଠାରୁ ଏ ପ୍ରାର୍ଥନା ମାଗ ଯେ, ଅମୁକ ଲୋକଟି ଦୀନ୍ ଖାତିର୍ ଏତେ ବଡ଼ ବଳିଦାନ କରିଛି । ତେଣୁ ଅଲ୍ଲାଃ ତାଲା ମତେ ସେହିଭଳି ସୌଭାଗ୍ୟ ପ୍ରଦାନ କରନ୍ତୁ ଯେ, ମୁଁ ତାହାଠାରୁ ଅଧିକା ବଳିଦାନ ଦେବି । ଅମୁକ ବ୍ୟକ୍ତିର ସନ୍ତାନ ବହୁତ ପୁଣ୍ୟବାନ ଓ ସେମାନେ ନମାଜ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି ଓ ଧର୍ମକର୍ମ କରିବାପ୍ରତି ମଧ୍ୟ ଧ୍ୟାନ ଦେଉଛନ୍ତି ତେଣୁ ମତେ ମଧ୍ୟ ଅଲ୍ଲାଃ ତାଲା ସେହିଭଳି ନମାଜ ପଢ଼ିବାପାଇଁ ଶକ୍ତି ପ୍ରଦାନ କରନ୍ତୁ, ଏହି କାର୍ଯ୍ୟ ପ୍ରତି ଚେଷ୍ଟା କରିବା ଉଚିତ । ଈଶ୍ୱର ମୋ ସନ୍ତାନମାନଙ୍କୁ ମଧ୍ୟ ଧର୍ମ କାର୍ଯ୍ୟ କରିବାପାଇଁ ଓ ସେମାନଙ୍କୁ ଈଶ୍ୱରଙ୍କ ଉପାସନା କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ତେଣୁ ଜଣେ ମୋମିନ୍ ଅହେମଦି ଓ ମୋମିନା ଅହେମଦୀ ଧର୍ମ କାର୍ଯ୍ୟରେ ଆଗକୁ ବଢ଼ିବା ପାଇଁ ନିଜ ଭିତରେ ପ୍ରତିଯୋଗିତାମୂଳକ ଆତ୍ମା ରଖିବା ଉଚିତ ନା କି ସାଂସାରିକ ଓ ଭୌତିକ ବସ୍ତୁର ପ୍ରତିଯୋଗିତା । ଯେତେବେଳେ ଏହି ଚିନ୍ତାଧାରା ରଖିବ ଆମେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଯିବା ତେବେ ଅଲ୍ଲାଃ ତାଲା ତା ଆଡ଼କୁ ଯାଉଥିବା ଲୋକମାନଙ୍କ ସହିତ ଅତ୍ୟନ୍ତ ପ୍ରେମ କରିଥାଏ । କାରଣ ସେ ହେଉଛି ବଡ଼ ଦୟାଳୁ ଓ କ୍ଷମା ପ୍ରଦାନକାରୀ । ସେ ଭକ୍ତର ପୂଣ୍ୟଇଚ୍ଛା ଓ ପ୍ରାର୍ଥନାକୁ ଶୁଣିଥା, ଓ ତାଙ୍କର ପୂଣ୍ୟକର୍ମକୁ ଗ୍ରହଣ କରିଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମହିଳାମାନେ ଯେତେବେଳେ ପ୍ରକୃତ ଉପାସନାକାରୀ ହୋଇଥାନ୍ତି, ସେତେବେଳେ ଏହାର ପ୍ରଭାବ ତାଙ୍କ ନିକଟରେ ହିଁ ସିମୀତ ରହେନାହିଁ ବରଂ ସେମାନଙ୍କ ସନ୍ତାନମାନଙ୍କ ଉପରେ ଏହାର ପୂଣ୍ୟପ୍ରଭାବ ପଡ଼ିଥାଏ ଓ ପୁରୁଷମାନଙ୍କ ଉପରେ ମଧ୍ୟ ଏହାର ପୂଣ୍ୟପ୍ରଭାବ ପଡ଼ିଥାଏ । ଅନେକ ପୂଣ୍ୟବାନ

ମହିଳା ଅଛନ୍ତି, ଯେଉଁମାନେ ପୁରୁଷମାନଙ୍କୁ ମଧ୍ୟ ପୂଣ୍ୟ କର୍ମ କରିବାପାଇଁ ପ୍ରେରଣା ଯୋଗାଇଛନ୍ତି । ଅତଏବ ଏହି କାରଣ ଯୋଗୁଁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲଜ୍‌ନା ଇମାଇଲ୍ଲାଃର ସଂଗଣ୍ଠନ ମଧ୍ୟ ସ୍ଥାପନ କରିଥିଲେ ଯଦ୍ୱାରା ମହିଳାମାନେ ମଧ୍ୟ ନିଜେ ପୂଣ୍ୟକର୍ମରେ ଆଗକୁ ବଢ଼ିବା ସହିତ ଯମାତ୍ କାମରେ ଆଗକୁ ଆସନ୍ତୁ । ଯଦ୍ୱାରା ସେମାନେ ଅଲ୍ଲାଃ ତାଲାଙ୍କ କୃପରେ ଉତରାଧିକାରୀ ହେବେ । ବିଶେଷରୂପେ ଯୁବତୀମାନେ/ଝିଅମାନେ ନିଜ ମାଆ ମାନଙ୍କର କାର୍ଯ୍ୟକଳାପକୁ ବଡ଼ ହେବା ପର୍ଯ୍ୟନ୍ତ ଅବଲୋକନ କରିଥାନ୍ତି । ସେମାନେ ଏହା ଦେଖିଥାନ୍ତି ଯେ ସେମାନଙ୍କ ମାଆମାନେ କଣ କରୁଛନ୍ତି । ଯେତେବେଳେ ଜଣେ ଝିଅ ତା'ର ମାଆକୁ ଜଣେ ଉପାସନାକାରୀ ଓ ଅଲ୍ଲାଃଙ୍କ ସ୍ତୁତିଗାନକାରୀ ରୂପେ ଦେଖିଥାଏ, ସେତେବେଳେ ତା' ଉପରେ ଏକ ପୂଣ୍ୟ ପ୍ରଭାବ ପଡ଼ିଥାଏ । ଯଦି ଆମ ଆସନ୍ତା ପିଢ଼ିର ତରବିୟତ୍ (ପ୍ରଶିକ୍ଷଣ) ଏପରି ହେବ ଯେ ସେମାନଙ୍କ ମଧ୍ୟରେ ଉପାସନାକାରୀ ପୁଅ ଓ ଝିଅ ସୃଷ୍ଟି ହୋଇଯିବେ, ତେବେ ନିଶ୍ଚିତରୂପେ ଆମେ ଯେଉଁଠି ଆମ ସନ୍ତାନମାନଙ୍କୁ ଏ ସଂସାରର କୁକର୍ମଗୁଡ଼ିକରୁ ନିବୃତ ରଖିପାରିବା ସେଠାରେ ଆପଣମାନେ ଆସନ୍ତା ପିଢ଼ିକୁ ମଧ୍ୟ ଅଲ୍ଲାଃଙ୍କ ନିକଟତର କରାଇପାରିବେ । ଅତଏବ୍ ମହିଳାମାନଙ୍କୁ ଓ ପୁରୁଷମାନଙ୍କୁ ମଧ୍ୟ ଏହି ଗୁରୁଦାୟିତ୍ୱକୁ ବୁଝିବା ଆବଶ୍ୟକ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଃ ପ୍ରତ୍ୟେକ ଅହେମଦୀ ପୁରୁଷ ଓ ପ୍ରତ୍ୟେକ ଅହେମଦୀ ମହିଳାଙ୍କର ଏ କାର୍ଯ୍ୟ ହେଉଛି ଯେ ସେ ଧର୍ମପରାୟଣତାରରେ ଉନ୍ନତି କରୁ । ଯଦ୍ୱାରା ତାକୁ ପୂଣ୍ୟକର୍ମ କରିବାପାଇଁ ସୌଭାଗ୍ୟ ପ୍ରାପ୍ତ ହେବ । ଅଲ୍ଲାଃଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବ ଓ ସାଂସାରିକ କୁକର୍ମରୁ ଆମେ ବଂଚିଯିବା । ନିଜ ସନ୍ତାମାନଙ୍କୁ କୁକର୍ମରୁ ବଂଚାଇପାରିବା ଓ ନିଜ ବୟତ କରିବାର ହକ୍‌କୁ ନିର୍ବାହ କରିପାରିବା । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହା କରିବାପାଇଁ ସୌଭାଗ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ବାସ୍ତବିକ ଧର୍ମପରାୟଣତାକୁ ନିଜ ମଧ୍ୟରେ ସୃଷ୍ଟି କରିପାରୁଁ ଓ ଅଲ୍ଲାଃଙ୍କ କୃପାର ଉତରାଧିକାରୀ ହୋଇଯାଉ । ଏବେ ଦୁଆ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ଦିନ ୧:୩୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଦୁଆ କରାଇଲେ । ତା'ପରେ ଲଜ୍‌ନା ଓ ନାସିରାତ୍ ପିଲାମାନଙ୍କର ବିଭିନ୍ନ ମଣ୍ଡଳି ଦଳଗତ ଭାବେ ଡ଼ଚ୍, ଆରବୀ, ଉର୍ଦ୍ଦୁ ଏବଂ ବଙ୍ଗଳା ଭାଷାରେ ତରାନା ଓ ପ୍ରାର୍ଥନାମୁଳକ ନଜମ୍ ଉପସ୍ଥାପନ କଲେ । ଶେଷରେ ଆଫ୍ରିକୀୟ ମଣ୍ଡଳି ନିଜ ସ୍ୱତନ୍ତ୍ର ଶୈଳୀରେ କଲ୍‌ମା ତୈୟବାଃ ର ପୁନରାବୃତି କଲା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଦିନ ୨:୦୦ ଟାରେ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅଣଯମାତୀୟ ଅତିଥିମାନଙ୍କୁ ସମ୍ବୋଧନ**

ଆଜି ପୁରୁଷ ଜଲ୍‌ସାଗାଃରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଅଣମୁସ୍‌ଲିମ୍ ଏବଂ ଅଣଯମାତୀୟ ଅତିଥିମାନଙ୍କର ଏକ ପ୍ରୋଗ୍ରାମ ରଖାଯାଇଥିଲା । ଏହି ପ୍ରୋଗ୍ରାମରେ ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ୧୨୫ ଜଣ ଅତିଥି ଯୋଗ ଦେଇଥିଲେ । ଅତିଥମାନଙ୍କର ଏକ ବଡ଼ ସଂଖ୍ୟା ପଡ଼ୋଶୀ ରାଷ୍ଟ୍ର ବେଲ୍‌ଜିୟମ୍‌ରୁ ଆସିଥିଲା ।

ଏହି ଅତିଥିମାନଙ୍କ ମଧ୍ୟରେ ନନ୍‌ସ୍ପିଟର ମେୟର DHR.B Van De Weerd, Former Member of Parliament DHR, Harry Van Bommel Patron, Freelance

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ସଦର ଅଞ୍ଜୁମନ ଅହ୍‌ମଦୀୟା କାଦିୟାନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।**

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଚ୍ଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟ୍ରର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୂଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟ୍ରର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୂଣ ହେବା ଜରୁରୀ ।

**ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକୃଟ୍‌ମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୁଚନା ଦିଆଯିବ (୮) ଇଚ୍ଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟ୍‌ଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ଓ୍ୱକ୍‌ଫେନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନଓ୍ୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

**ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହ୍‌ରୀକ୍-ଏ-ଜଦିଦ୍, ଅଞ୍ଜୁମନ ଓ୍ୱକ୍‌ଫ-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଳି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ**

ଯେଉଁ ପ୍ରାର୍ଥମାନେ ଖିଦ୍‌ମତ୍ (ସେବା) କରିବାକୁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୂତୟନ କରାଯାଇପାରେ ।

**ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବା ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଚ୍ଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହ୍‌ମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ ।

(ନାଜର ଦିଓ୍ୱାନ୍ କାଦିଆନ୍)

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ୍ ଅହମଦୀୟା କାଦିଆନ୍**

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 23 July 2020 Issue No. 30

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୮ ସେପ୍ଟେମ୍ବର ୨୦୧୯ (ଶନିବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୩୦ ରେ ଜଲ୍‌ସାଗାଃଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକଗୁଡ଼ିକୁ ନିରୀକ୍ଷଣ କଲେ ଓ ସେଥିରେ ନୋଟ୍‌ସ ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟରେ ବ୍ୟସ୍ତ ରହିଲେ । ଆଜିର ପ୍ରୋଗ୍ରାମ ମୁତାବକ ମହିଳାମାନଙ୍କ ପାଇଁ ଥିବା ଜଲ୍‌ସାଗାଃଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କର ଲଜ୍‌ନାମାନଙ୍କୁ ସମ୍ବୋଧନ କରିବାର ଥିଲା ।

ଆଜି ଲଜ୍‌ନା ଜଲ୍‌ସାଗାଃଠାରେ ସକାଳ ଇଜ୍‌ଲାସ୍‌ର ଶୁଭାରମ୍ଭ ଠିକ୍ ୧୦:୪୦ ମିନିଟରେ ହଜ୍‌ରତ୍ ବେଗମ୍ ସାହିବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା ଓ ତାହା ଦ୍ୱିପ୍ରହର ୧୨ଟା ପର୍ଯ୍ୟନ୍ତ ଜାରି ରହିଲା । ଏହି ସେସନ୍‌ରେ ପବିତ୍ର କୁର୍‌ଆନ୍ ଆବୃତି ଓ ତାହାର ଉର୍ଦ୍ଦୁ ଅନୁବାଦ ବ୍ୟତିତ ଗୋଟିଏ ନଜମ୍ ଏବଂ ଦୁଇଟି ତକ୍‌ରିର୍ ହେଲା । ଗୋଟିଏ ତକ୍‌ରିର୍ ଉର୍ଦ୍ଦୁ ଭାଷାରେ ଥିଲା ଓ ଦ୍ୱିତୀୟଟି ଡ଼ଚ୍‌ଭାଷାରେ ଥିଲା । ପ୍ରୋଗ୍ରାମର ଶେଷରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଆଗମନ ପର୍ଯ୍ୟନ୍ତ କେତେକ ଲଜ୍‌ନା ସଦସ୍ୟ ନଜମ୍ ପାଠ କରୁଥିଲେ ।

ପ୍ରୋଗ୍ରାମ ମୁତାବକ ଦ୍ୱିପ୍ରହର ୧୨:୩୦ ରେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାଗାଃଠାରେ ପହଂଚିଲେ । ସଦର୍ ଲଜ୍‌ନା ଇମାଇଲ୍ଲାଃ ହଲାଣ୍ଡ ଏବଂ ନାଜିମା ଆଲା ନିଜର ନାଏବ୍ ନାଜିମାତ୍ ଆଲାଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ସେହିପରି ମହିଳାମାନେ ଅହ୍‌ଲଉଁ ଓ୍ୱ ସହ୍‌ଲଉଁ ଓ୍ୱ ମରହବା କହି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ ।

ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ଆବୃତି ସହିତ ଅନୁଷ୍ଠିତ ହେଲା । ତାହା ଅଜିଜାଃ ରିହାନା ଓ୍ୱହାବ୍ ପେଶ୍ କଲେ, ତା'ପରେ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜାଃ ମାରିୟା ହସନ୍ ଜୁବୈର୍ ଉପସ୍ଥାପନ କଲେ । ଏହାପରେ ଅଜିଜାଃ ସ୍ୱବିୟା ଲଗାରି ସାହିବା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍ ।

**ଓ୍ୱ ପେଶୁଆ ହମାରା ଯିସ୍ ସେ ହେ ନୂର୍ ସାରା**
**ନାମ୍ ଉସ୍‌କା ହୈ ମୁହମ୍ମଦ୍ ଦିଲ୍‌ବର୍ ମେରା ୟହି ହୈ ।।**

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ସଫଳତା ପ୍ରାପ୍ତ କରିଥିବା ୨୧ ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କଲେ ଏବଂ ହଜ୍‌ରତ୍ ବେଗମ୍ ସାହିବା ସେହି ଛାତ୍ରୀମାନଙ୍କୁ ମେଡ଼ାଲ୍ ପିନ୍ଧାଇଲେ ।

ତାଲିମି ଆୱାର୍ଡ଼ ପ୍ରାପ୍ତ କରିଥିବା । ସେହି ସୌଭାଗ୍ୟବତୀ ଛାତ୍ରୀମାନଙ୍କର ନାମ ନିମ୍ନରେ ଦିଆଯାଉଛି ।

୧: ନୁରୈନ୍ ରଜା ସାହିବା
(M.Sc Physics) Punjab University Lahore

୨: ନୁରୈନ୍ ରଜା ସାହିବା
(M.Phil Physics) Punjabi University Lahore

୩: ଅମତୁଲ୍ ମୁଜିବ୍ ନୟର୍ ସାହିବା
(M.Sc Enviornmental Biology) ନାଇଜେରିଆ

୪: ତାନିଆ ସଇଦ୍
(Primary Education Boardର ପରୀକ୍ଷାରେ ୯୮ ପ୍ରତିଶତ ନମ୍ବର)

୫: ରୌଶନି ନଇମ୍
(B.Sc Micro Biology) Jinah University Karachi

୬: ମନାଲ ବଶିର୍
(Primary Education Boardର ପରୀକ୍ଷାରେ ୧୦୦ ପ୍ରତିଶତ ନମ୍ବର)

୭: ନୋମାନା ତାହେର୍
(F.Sc Pre Engineering) Nusrat Jahan College Rabwah.

୮: ଜନିରାଃ ଚୌଧୁରୀ ଓ୍ୱଡ଼ାଇଚ୍
(B.Sc International Communication and Media) UTRECHT Holland.

୯: ବୁଶ୍‌ରା ବେଶାରତ୍
(M.Phil Chemistry) Sargodha University Pakistan)

୧୦: ଉରୁଜ୍ ଖରଲ୍
(B.Sc) Geneeskunde ERAMUS University.

୧୧: ନାଏଲା ନିଲୋଫର୍ ହଫିଜ୍
(M.Sc) Tandheelkunde VRIJE University Armstordam

୧୨: ଜିଲ୍ଲେହୁମା ଅବାସି (F.Sc Pre Engineering) Faisalabad Pakistan

୧୩: Irma Marie-Louise
(M.Sc) Geneeskunde University Van Maatricht

୧୪: ଫାଇକା ଅହ୍‌ମଦ୍
(Bsc Civil Engineering) UAE University

୧୫: ତୈୟବା ସାଅଦିୟା
(Bsc Psychology) Sargodha University Pakistan.

୧୬: Emine Rustemi
(Primary Education Boardରେ ପରୀକ୍ଷାରେ ୧୦୦ ପ୍ରତିଶତ ନମ୍ବର)

୧୭: ଶାଫିୟା ମେହ୍‌ମୁଦ୍ (GCSE-8. A Star & 5A) ବ୍ରଂଟ ଉଡ୍ ହାଇସ୍କୁଲ୍ U.K

୧୮: ମାରିୟା ଚୌଧୁରୀ (Bsc Zoology) Punjab University Lahore

୧୯: ଅଦିଲା ନଇମ୍ ଚୌଧୁରୀ (Bsc Excersize and Health-Physiology) କାଲ୍‌ଗିରି University Canada

୨୦: ନାଜ୍‌ରିନ୍ ଶାହ୍‌ବାଲି (B.A) Middle Eastern Studies Leiden University

୨୧: ରୱିୟତୁଲ୍ ନୂର୍ କମ୍ପେୟର୍ (Exceptional Performance) Primary Education.

ତାଲିମି ଆୱାର୍ଡ଼ର ଏହି ଉତ୍ସବପରେ ଠିକ୍ ୧୨:୫୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଅଭିଭାଷଣ ପ୍ରଦାନ କଲେ ।

ତସ୍‌ହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତି ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା ଏଯୁଗରେ ମଣିଷକୁ ଯେଉଁ ନୂଆ ନୂଆ ଉଦ୍‌ଭାବନ କରିବାପାଇଁ ସୌଭାଗ୍ୟ ପ୍ରଦାନ କରିଛି ତା'ମଧ୍ୟରୁ ଗୋଟିଏ ବଡ଼ ଉଦ୍ଭାବନ ହେଉଛି ଏହା ଯେ, ଟିଭିରେ, ବଡ଼ ପରଦା ଉପରେ ମହିଳାମାନେ ମଧ୍ୟ ଆବଶ୍ୟକ ଅନୁସାରେ ପୁରୁଷମାନଙ୍କ ତରଫରୁ ପ୍ରସାରଣ କରାଯାଉଥିବା ପ୍ରୋଗ୍ରାମଗୁଡ଼ିକ, ଛବି ଇତ୍ୟାଦି ଏବଂ ଭାଷଣଗୁଡ଼ିକ ଶୁଣିପାରୁଛନ୍ତି । ଯେବେ ମଧ୍ୟ ପୁରୁଷମାନଙ୍କ ଜଲ୍‌ସାଗାଃରେ ଖଲିଫାଙ୍କର ଅଭିଭାଷଣ ଚାଲେ ସେତେବେଳେ ମହିଳାମାନଙ୍କ ଜଲ୍‌ସାଗାଃରେ ମଧ୍ୟ ଟିଭି ଓ ବଡ଼ ପରଦା ଜରିଆରେ ତାହାକୁ ପ୍ରସାରଣ କରାଯାଇଥାଏ ଓ ଏହି ପ୍ରୋଗ୍ରାମ ମହିଳାମାନଙ୍କ ପାଇଁ ଯଥେଷ୍ଟ ହେବା ଉଚିତ । କିନ୍ତୁ ଏହା ସତ୍ୱେ ମଧ୍ୟ ଜଲ୍‌ସାରେ ଯେଉଁ ପ୍ରୋଗ୍ରାମଗୁଡ଼ିକ ରଖାଯାଉଛି ସେଥିରେ ମହିଳାମାନଙ୍କ ପାଇଁ ମଧ୍ୟ ଖଲିଫାଙ୍କର ଏକ ଭାଷଣ ମଧ୍ୟ ରଖାଯାଉଛି । କାରଣ ମହିଳାମାନଙ୍କ ତରଫରୁ ଏପରି ଡ଼ିମାଣ୍ଡ କରାଯାଉଛି ଯେ, ଖଲିଫା ସେମାନଙ୍କ ଜଲ୍‌ସାଗାଃରେ ପ୍ରତ୍ୟେକ୍ଷ ରୂପେ ସେମାନଙ୍କୁ ସମ୍ବୋଧନ କରନ୍ତୁ । ଲଜ୍‌ନାମାନଙ୍କର ଏହି ଡ଼ିମାଣ୍ଡକୁ ପୁରଣ କରିବାପାଇଁ ମୁଁ ମଧ୍ୟ ସାଧାରଣତଃ ଛୋଟ ଛୋଟ ଯମାତ୍‌ଗୁଡ଼ିକରେ ହେଉଥିବା ଜଲ୍‌ସାରେ ପ୍ରତ୍ୟେକ୍ଷରୂପେ ଉପସ୍ଥିତ ହୋଇ ଅଭିଭାଷଣ ପ୍ରୋଗ୍ରାମ କରିଥାଏ । ଆଜି ବର୍ତମାନ ସେହି ଉଦ୍ଦେଶ୍ୟ ନେଇ ଏଠାକୁ ଆସିଛି ଯେ, ଆପଣମାନଙ୍କୁ ମୁଁ ସିଧାସଳଖ ସମ୍ବୋଧନ କରିବି । ଆମେ ପବିତ୍ର କୋରାନ୍‌ରେ ଏହା ଦେଖିଥାଉ ଯେ, ସାଧାରଣତଃ ପୁରୁଷମାନଙ୍କୁ ଯେଉଁସବୁ ଉପଦେଶ ଦିଆଯାଇଅଛି ସେହିଗୁଡ଼ିକରେ ମହିଳାମାନେ ମଧ୍ୟ ସାମିଲ ଅଛନ୍ତି । ତେଣୁ ବୁନିୟାଦି ବିଷୟବସ୍ତୁ ସମ୍ବନ୍ଧରେ ମହିଳାମାନଙ୍କ ପାଇଁ ମଧ୍ୟ ପୁରୁଷମାନଙ୍କୁ କରାଯାଇଥିବା ସମ୍ବୋଧନ ଯଥେଷ୍ଟ ହେବା ଉଚିତ । ଯଦି ପ୍ରକୃତରେ ସେହି ଉପଦେଶାବଳୀଗୁଡ଼ିକ ପ୍ରତି ଏବଂ ଏହି କଥାଗୁଡ଼ିକ ଉପରେ ପରିଚାଳିତ ହେବାପାଇଁ ଧ୍ୟାନ ଆକର୍ଷଣ ହୁଏ ଏବଂ ଏଠାରେ କିଛି କଥା ଏପରି ମଧ୍ୟ ଅଛି ଯାହାକୁ ଅଲ୍ଲାଃ ତାଲା ବିଶ୍ୱାସକାରୀ ପୁରୁଷ ଏବଂ ବିଶ୍ୱାସକାରୀ ମହିଳାମାନଙ୍କୁ ଅଲଗା ଅଲଗା ସମ୍ବୋଧନ ମଧ୍ୟ କରିଛନ୍ତି କିନ୍ତୁ କଥା ଗୋଟିଏ ହିଁ ଥିଲା । ପବିତ୍ର କୋରାନ୍‌ରେ କେତେକ ନିର୍ଦ୍ଦେଶାବଳୀ ଏପରି ରହିଛି ଯେଉଁଥିରେ କେବଳ ମହିଳାମାନଙ୍କୁ ସମ୍ବୋଧନ କରାଯାଇଅଛି । ସେ ଯାହା ହେଉ ନା କାହିଁକି ଯଦି ମୁଳକଥା ଗୁଡ଼ିକ ଉପରେ ଧ୍ୟାନ ଦିଆଯାଏ ଓ ତା'ଉପରେ ଅମଳ କରାଯାଏ ତେବେ ପୁରୁଷ ଓ ମହିଳାମାନଙ୍କ ସମ୍ବନ୍ଧରେ ଯେଉଁ କେତେକ ନିର୍ଦ୍ଦେଶାବଳୀମାନ ରହିଛି ସେଗୁଡ଼ିକ ତା'ର ଶାଖାପ୍ରଶାଖା ଓ ତାହାର ବିବରଣୀ । ସେହିପରି କେତେକ ନିର୍ଦ୍ଦେଶ ପୁରୁଷ ଓ ମହିଳାମାନଙ୍କୁ ଅଲଗା ଅଲଗା ଭାବେ ସମ୍ବୋଧନ କରାଯାଇଅଛି । ମଜ୍‌ଭୁତ୍ ମୁଳଦୁଆ ଯୋଗୁଁ ତା' ଉପରେ ଯଦି ପରିଚାଳିତ ହେବାପାଇଁ ନିୟତ ରହେ ତେବେ ମୁଳଦୁଆ ତିଆରି ହୋଇଯାଏ ଓ ଏହି ମୁଳଦୁଆ ଯୋଗୁଁ ଯେଉଁ କଥାଗୁଡ଼ିକ ପୁରୁଷମାନଙ୍କୁ ସମ୍ବୋଧନ କରାଯାଇଅଛି, ମହିଳାମାନେ ମଧ୍ୟ ସ୍ୱତଃପ୍ରୃତଭାବେ ସେଥିରେ ପରିଚାଳିତ ହେବାକୁ ଲାଗିଯିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ବୁନିୟାଦି କଥା ଉପରେ ପରିଚାଳିତ ହେଉନାହାନ୍ତି, ଯେଉଁ ବିଷୟଗୁଡ଼ିକ ଉପରେ ଖୁତ୍‌ବା ଇତ୍ୟାଦିରେ ବର୍ଣ୍ଣନା କରାଯାଉଅଛି,

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan